
# ଜୀବନାନନ୍ଦ ଦାଶ

ଚିଦାନନ୍ଦ ଦାଶଗୁପ୍ତ



OR
891.441 092
D 26 D

ଭାରତୀୟ
ସାହିତ୍ୟସ୍ରଷ୍ଟା

OR
891.441 092
D 26 D

ଭାରତୀୟ ସାହିତ୍ୟ ସ୍ରଷ୍ଟା ଗ୍ରନ୍ଥମାଳା

# ଜୀବନାନନ୍ଦ ଦାଶ

ଚଦାନନ୍ଦ ଦାଶଗୁପ୍ତ

ଅନୁବାଦ :

ଦୁର୍ଗାମାଧବ ମିଶ୍ର

ସାହିତ୍ୟ ଅକାଦେମୀ

JIBANANANDA DAS : Translated into Oriya by Durgamadhav Mishra of the same title in English by Chidananda Dasgupta, Sahitya Akademi, New Delhi, 1988, Price
SAHITYA AKADEMI
REVISED PRICE Rs. 15.00

© ସାହିତ୍ୟ ଅକାଦେମୀ
୩୫, ଫିରୋଜ ଶା ରୋଡ଼
ନୂଆଦିଲ୍ଲୀ-୧୧୦୦୦୧

ଶାଖା ଅଫିସ :
ବ୍ଲକ ୫ ବି, ରବୀନ୍ଦ୍ର ସରୋବର ଷ୍ଟାଡ଼ିୟମ୍
କଲିକତା-୭୦୦ ୦୨୯

୨୯ ଏଲଡାମ୍ସ ରୋଡ଼; ତେନାମ୍ପେଟ
ମାଡ୍ରାସ-୬୦୦ ୦୧୮

୧୭୨, ମୁମ୍ବାଇ, ମାରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ,
ଦାଦର, ବମ୍ବେ-୪୦୦ ୦୧୪

Library IIAS, Shimla
OR 891.441 092 D 26 D
00117766

SAHITYA AKADEMI
REVISED PRICE Rs. 15.00

117766
21/12/04

ମୁଦ୍ରକ :
କୋଣାର୍କ ପ୍ରିଣ୍ଟର୍ସ
ଖଟବିନସାହି, କଟକ-୮

# ସୂଚୀପତ୍ର


| | |
|---|---|
| ସେ ଯୁଗ | ୯ |
| ସେଇ ମଣିଷଟି | ୧୫ |
| କବି ଜୀବନାନନ୍ଦ | ୧୭ |
| ଅନୁବାଦ | ୩୦ |
| ସହାୟକ ଗ୍ରନ୍ଥସୂଚୀ | ୬୨ |

## ସେ ଯୁଗ :

ଜୀବନାନନ୍ଦ ଦାସଙ୍କର ସାରା ଜୀବନ (୧୮୯୯-୧୯୫୪) ରବୀନ୍ଦ୍ର ନାଥ ଟାଗୋରଙ୍କର ଆଧିପତ୍ୟ ପୂର୍ଣ୍ଣ ସମୟ ଭିତରେ ବିତିଯାଇଥିଲା ।

କେତେ ନିବିଡ଼ ଭାବରେ ବଙ୍ଗୀୟ ଚେତନା ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ଟାଗୋରଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା । ତାହା କେବଳ ଅନୁଭବୀମାନେ ହୃଦୟଙ୍ଗମ କରିପାରିବେ । ପ୍ରାୟ ପ୍ରତି ଶିକ୍ଷିତ ବଙ୍ଗାଳୀ ତାଙ୍କର ଗଦ୍ୟଶୈଳୀ ଅନୁସରଣ କରିବା ବ୍ୟତୀତ ହସ୍ତାକ୍ଷର ଅନୁକରଣ କରିଥିଲେ, ତାଙ୍କର ଦୁଇ ହଜାର କବିତା ମଧ୍ୟରୁ ଅନ୍ତତଃ ପାଞ୍ଚଶହ କବିତାସହିତ ପରିଚିତ ଥିଲେ, ତାଙ୍କର ଅନେକ କବିତା ମନରୁ ଆବୃତ୍ତି କରି ପାରୁଥିଲେ, ତାଙ୍କର ନାଟକରୁ କୌଣସି ନା କୌଣସି ଚରିତ୍ରର ଅଭିନୟ ଛାତ୍ରଜୀବନରେ କରିଥିଲେ, ତାଙ୍କ ରଚିତ ସମସ୍ତ ଉପନ୍ୟାସ ଓ ଅଧିକାଂଶ ପ୍ରବନ୍ଧ ପଢ଼ି ଥିଲେ । ତାଙ୍କର ପ୍ରିୟ ଶାନ୍ତିନିକେତନ ବୁଲି ଦେଖିଥିଲେ ଏବଂ ତାଙ୍କର ମନନନିଷ୍ଠ ପଦ୍ମ ସବୁ କ୍ଷେତ୍ରରେ ପ୍ରୟୋଗ କରୁଥିଲେ । ନୂତନ ସହିତ ପୁରାତନର, ବିଜ୍ଞାନ ସହିତ ଧର୍ମର, ପଶ୍ଚିମ ସହିତ ପ୍ରାଚ୍ୟର ସହାବସ୍ଥାନ ଓ ସମ୍ମିଶ୍ରଣ, ଉଦାର ମାନବିକତା, ସମାଜ ସଂସ୍କାର ସଂପର୍କୀୟ । ତାଙ୍କର ଦୃଷ୍ଟିଭଙ୍ଗୀ ସହିତ ବ୍ରାହ୍ମ ସମାଜର ନୀତିନିଷ୍ଠତା ଉଦ୍ଧୋମାନ୍ତନ ସମାଜର ବିଭିନ୍ନ ସ୍ତରରେ ବ୍ୟାପ୍ତ ହୋଇ ଯାଇଥିଲା । ସେ ଯୁଗର ଜଣେ ଶିକ୍ଷିତ ବଙ୍ଗାଳୀ ଟାଗୋରଙ୍କୁ ବାଦ ଦେଇ କିମ୍ବା ଅତିକ୍ରମ କରି ଚିନ୍ତା କରି ପାରୁନଥିଲା । ନିଜର ଜୀବନ ଦର୍ଶନ ଓ ରଚନା ମାଧ୍ୟମରେ ସେ ବଙ୍ଗ ବାସୀମାନଙ୍କର ମନକୁ ଏକ ବିଶାଳ ଆତପତ୍ର ପରି ଘୋଡ଼ାଇ ରଖିଥିଲେ ।

ମୁଁ ବହୁ ସଙ୍କୋଚରେ ଅତୀତକାଳ ବ୍ୟବହାର କରୁଛି, କାରଣ ଟାଗୋର ପରମ୍ପରାର ଶକ୍ତି ଏବେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ବିଲୀନ ହୋଇ ଯାଇନାହିଁ । କିନ୍ତୁ ୧୯୪୧ରେ ଟାଗୋରଙ୍କ ମୃତ୍ୟୁପରେ ଜନ୍ମଲାଭ କରିଥିବା ଅନେକ ବ୍ୟକ୍ତି ତିରିଶି ପାଖାପାଖି ବୟସର ହେଲେଣି । ଆହୁରି ବି ବଙ୍ଗର ପରିବେଶରେ ଯଥେଷ୍ଟ ପରି-ବର୍ତ୍ତନ ହେଲାଣି । ତେଣୁ ଏବେ ତାଙ୍କୁ ମନେ ପକାଇବାକୁ ହେଲେ ପଛକୁ ମୁହଁ ବୁଲାଇ ଚାହିଁବାକୁ ପଡୁଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ, ବେକାରି ସମସ୍ୟା, ଜନ୍ମବର୍ଦ୍ଧିଷ୍ଣୁ ରାଜନୈତିକ ବାଦବିସଂବାଦ ଏବଂ ସ୍ୱାଧୀନତା ପୂର୍ବବର୍ତ୍ତୀ ମୂଲ୍ୟବୋଧର ଅବକ୍ଷୟ ହେତୁ ଯୁଗସ୍ରଷ୍ଟା ଟାଗୋରଙ୍କର ସେଇ ଅବ୍ୟାହତ ପ୍ରଭାବର ହ୍ରାସ ଘଟିଲାଣି ।

ଯଦି ସାଧାରଣ ଶିକ୍ଷିତ ବଙ୍ଗାଳୀ ପକ୍ଷରେ ରବୀନ୍ଦ୍ରନାଥଙ୍କର ପ୍ରଭାବରୁ ମୁକ୍ତ ହେବା ଆୟସସାଧ୍ୟ ଥିଲା, ବଙ୍ଗାଳୀ କବିଙ୍କ ପକ୍ଷରେ ନୂତନ ସ୍ୱାଦର ସାହିତ୍ୟ ସୃଷ୍ଟି କରିବା

ମଧ୍ୟ ଦୁଇଗୁଣ ଆୟାସସାଧ୍ୟ ହୋଇ ପଡ଼ିଥିଲା । ସେହି କବିମାନଙ୍କୁ ରବୀନ୍ଦ୍ରନାଥ ନିଜର ନିତ୍ୟ-ବିବର୍ତ୍ତିତ ଚିନ୍ତାଧାରାର ନୂତନ ଦୃଷ୍ଟିକୋଣ ଦ୍ୱାରା ବିସ୍ମିତ କରି ଦେଉଥିଲେ । ୧୯୩୭ରେ ତାଙ୍କର କବିତା ସଙ୍କଳନ "ପ୍ରାନ୍ତିକ" ପ୍ରକାଶ ପାଇଥିଲା । ତା' ପୂର୍ବରୁ ସେ ଏପରି ପୀଡ଼ିତ ଥିଲେ ଯେ' ସତେଅବା ଆସନ୍ନ ମୃତ୍ୟୁ ମୁଖରୁ କୌଣସି ମତେ ବର୍ତ୍ତି ଯାଇଥିଲେ । କିନ୍ତୁ ଏହି କବିତା ପୁସ୍ତକରେ ସେ ସାମ୍ପ୍ରତିକ ବାସ୍ତବତାରେ ଏକ ନୂତନ ଜାଗରଣର ବାର୍ତ୍ତା ବହନ କରିଥିଲେ । ସମର ବିଭୀଷିକାକୁ ତୀବ୍ରନିନ୍ଦା କରିବା ସଙ୍ଗେ ସଙ୍ଗେ ତାଙ୍କ ଚତୁଃପାର୍ଶ୍ୱରେ ଅନୁଭୂତ ନୂଆ ଦୁର୍ଭୋଗମାନଙ୍କ ସମ୍ପର୍କରେ ଚେତାଇ ଦେଇଥିଲେ—

ନାଗୁଣୀରା ଚତୁର୍ଦ୍ଦିଗେ ପଡ଼ୁଅଛି ବିଷାକ୍ତ ନିଃଶ୍ୱାସ
ଶାନ୍ତିର ଲଳିତ ବାଣୀ ଶୁଣାଇବ-ବ୍ୟର୍ଥ ପରିହାସ—
ବିଦାୟ ନେବାର ଆଗେ ତହୁଁ
ଡାକ ଦିଏଁ ମୁହୁର୍ମୁହୁ
ଦାନବ ସହିତ ଯିଏ ଲଢ଼ିବ ସମରେ
ପ୍ରସ୍ତୁତ ହୁଅ ହେ ଘରେ ଘରେ ।

(ପ୍ରାନ୍ତିକ, କବିତା ନଂ.୧୮)

ନିଜର ପରିଣତ ବୟସରେ ଶାନ୍ତିଦୂତ କବୀନ୍ଦ୍ର ଏହି କବିତାଟିର ଦ୍ୱିତୀୟ ପଂକ୍ତି ରଚନା କଲା ବେଳେ କେତେ ଯନ୍ତ୍ରଣା ଅନୁଭବ କରି ନ ଥିବେ !

ଚତୁର୍ଥ ଦଶକରେ ରବୀନ୍ଦ୍ରଙ୍କ ପ୍ରଭାବରୁ ମୁକ୍ତିଲାଭ କରିବାପାଇଁ ଯେଉଁ କବି-ମାନେ ସଚେତନ ଚେଷ୍ଟା କରିଥିଲେ ସେମାନଙ୍କ ମଧ୍ୟରେ ବୁଦ୍ଧଦେବ ବସୁ ଥିଲେ ମୁଖ୍ୟ ପ୍ରବକ୍ତା । ଟାଗୋରଙ୍କର ମୃତ୍ୟୁର ପ୍ରାୟ ପନ୍ଦର ବର୍ଷ ପୂର୍ବରୁ 'କଲ୍ଲୋଳ' ନାମିତ ପତ୍ରିକାକୁ କେନ୍ଦ୍ର କରି କଲ୍ଲୋଳ ଗୋଷ୍ଠୀର ସୃଷ୍ଟି ହୋଇଥିଲା । ଏହି ଗୋଷ୍ଠୀରେ ଅନ୍ତର୍ଭୁକ୍ତ ସାହିତ୍ୟିକମାନେ ଯୁଦ୍ଧୋତ୍ତର ଇଂରାଜୀ କବିତା କିମ୍ବା ମାର୍କସ୍‌ବାଦୀ ଚିନ୍ତାଧାରା ଅଥବା ଉଭୟ ଦ୍ୱାରା ଅନୁପ୍ରାଣିତ ହୋଇ ଠାକୁରଙ୍କର ପରବର୍ତ୍ତି ଯୁଗକୁ ଆବାହନ କରିଥିଲେ । କେବଳ କଲ୍ଲୋଳ ଗୋଷ୍ଠୀ ଯେ ଟାଗୋରଙ୍କର ପ୍ରଭାବରୁ ମୁକ୍ତ ହେବାକୁ ଚେଷ୍ଟା କରୁଥିଲା ତାହା ନୁହେଁ । ବିଷ୍ଣୁ ଦେ ସେହି ସମୟରେ ରବୀନ୍ଦ୍ରନାଥଙ୍କର ଜନ୍ମଦିନରେ ଲେଖିଲେ :—

"ରବୀନ୍ଦ୍ର—ବ୍ୟବସାୟ ଆଉ ନୁହେଁ, ଉତ୍ତରାଧିକାର ଭାଙ୍ଗି ଭାଙ୍ଗି
ଚିରସ୍ଥାୟୀ ଜଟା—ଜାଲରେ ଜାହ୍ନବୀକୁ ବାନ୍ଧିବୁ ନି, ବରଂ,

ଆମେ ପ୍ରାଣର ଗଙ୍ଗା ମୁକ୍ତ ରଖିବୁଁ, ଗାଇ ଗାଇ ବହିଯିବ
ତାହା ସମୁଦ୍ର ଆଡକୁ; ଖୋଲିଦେବୁ ରେଖା ଏବଂ ରଙ୍ଗ
ସର୍ବଦା ନୂତନ ଚିନ୍ତେ, ଗନ୍ଧେ, କାବ୍ୟେ, ହଜାର ଛନ୍ଦର
ଗୂଢ଼ ଉତ୍ସ ଖୋଜ ପାଇବୁଁ ଆମେ କେତେ ନୂଆ ସ୍ରୋତ ଆନନ୍ଦର ।"

ବୁଦ୍ଧଦେବ—ପଚିଶି ବୈଶାଖ

କିନ୍ତୁ ଜୀବନାନନ୍ଦ ଦାସ ଟାଗୋରଙ୍କର ବିରୋଧରେ ବିଦ୍ରୋହକରି କବିତାଲେଖା ଆରମ୍ଭ କରି ନ ଥିଲେ । ତାଙ୍କ କବିତା ଧାରାରୁ ଜଣାପଡୁଥିଲା, ସେ ଥିଲେ ଟାଗୋରଙ୍କ କବିତାର ଚିରନ୍ତନ ଧାରା ସହିତ ସମାନ୍ତରାଳ ସ୍ରଷ୍ଟା । ସେ ନିଜେ ନିଜର ହୃଦୟରେ ଏହା ଉପଲବ୍ଧି କରିଥିଲେ । କାରଣ ସେ ଲେଖିଛନ୍ତି :—

"ପୂର୍ବବର୍ତ୍ତୀ କବିମାନଙ୍କୁ ଫିଙ୍ଗି ଫୋପାଡ଼ି ଦେବାର ଷଡଯନ୍ତ୍ର କରି କବି ଜନ୍ମନିଏ ନାହିଁ । X X X କେବଳ ଗୋଟିଏ ଯୋଡ଼ିଏ କବିଙ୍କର କେତୋଟି କବିତାକୁ ଛାଡ଼ିଦେଲେ, ଆଧୁନିକ ବଙ୍ଗଳା କବିତାରେ ରବୀନ୍ଦ୍ରନାଥଙ୍କର ଚିହ୍ନ ଏତେ ସ୍ପଷ୍ଟ ଯେ, କବିଗୁରୁଙ୍କର କବିତାଟିଏ କିମ୍ବା ଗୀତିଟିଏ ପଢ଼ିଦେଲେ, ଆମେ ତାଙ୍କ ନିକଟରେ କୃତଜ୍ଞତା-ପାଶରେ ଆବଦ୍ଧ ହୋଇଯାଉଁ । କାରଣ ଅନ୍ୟର କବିତା ଓ ତାଙ୍କର କବିତା ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଟାଗୋରଙ୍କର କବିତାରୁ ପ୍ରେରଣା ପାଇ ଆଧୁନିକ କବିତା ସାମାନ୍ୟ ଏକ ପଦକ୍ଷେପ ନେଇଛି ମାତ୍ର । ଏହାର ପ୍ରଗତି ଘଟିଲେ ବଙ୍ଗୀୟ ସାହିତ୍ୟ କିମ୍ବା ଟାଗୋର ସାହିତ୍ୟ ଭ୍ରଷ୍ଟ ପଡ଼ିବ ନାହିଁ ।"

ଜୀବନାନନ୍ଦଙ୍କର ବିଶେଷତ୍ୱ ହେଲା ଟାଗୋର ପରମ୍ପରାକୁ ନବଯୁଗର ଆତ୍ମା ଓ ଅଙ୍ଗ ଭିତରକୁ ନେଇଯିବାର ବିରାଟ ଶକ୍ତି । ଟି: ଏସ୍: ଇଲିଅଟ ନିଜର ପୁସ୍ତକ "Tradition and the Individual Talent"ରେ ପରମ୍ପରା ସହିତ ବ୍ୟକ୍ତିଗତ ପ୍ରତିଭାର ସମ୍ପର୍କ ନେଇ ଯେଉଁ ଆଲୋଚନା କରିଛନ୍ତି, ଜୀବନାନନ୍ଦ ତାହାର ପ୍ରକୃଷ୍ଟ ଉଦାହରଣ ।

ଏ ଯୁଗରେ ବଙ୍ଗ ସାହିତ୍ୟ ପଶ୍ଚିମା ସାହିତ୍ୟର ବାଆବତାସରେ ଅଭିଭୂତ ହୋଇ ପଡ଼ିଥିଲା । ସେହି ପ୍ରଭଞ୍ଜନ ଦୁଇଟି ମହାଯୁଦ୍ଧ ମଧ୍ୟରେ ସୃଷ୍ଟ "ପୋଡ଼ାଭୂଇଁ" ଉପର ଦେଇ ବହୁଥିଲା । ତହିଁରେ ଭିକ୍ଟୋରିଆ ଯୁଗର ନୈତିକ ନିଶ୍ଚିତତା ଭାଙ୍ଗି ଯାଉଥିଲା—ତାହାର ସଂଘାତରେ । ବିଜ୍ଞାନ ଆଣବିକ ଯୁଗର ଦୁଆର ମୁହଁରେ ଠିଆହୋଇ ସୃଷ୍ଟି କରି ଚାଲିଥିଲା ନୂତନ ଅନିଶ୍ଚିତତା । ଏବଂ ମାର୍କସ୍‌ବାଦ ଏହି ଧ୍ୱଂସସ୍ତୂପର କୋଣ ବିକୋଣରେ ଉଡ଼େଇ ଚାଲିଥିଲା ନିଜର ଧ୍ୱଜା ।

ଲକ୍ଷ୍ୟ କରିବାର କଥା, ଟାଗୋରଙ୍କର ଶେଷ ଜୀବନ ବେଳେ ଓ ତାଙ୍କ ମୃତ୍ୟୁପରେ ଯେଉଁ ସାହିତ୍ୟ ସୃଷ୍ଟି ହେଲା, ତାହାର ମୁଖ୍ୟ ଅଧିନାୟକ ଥିଲେ ଅଧ୍ୟାପକ ମଣ୍ଡଳୀ—ବୁଦ୍ଧଦେବ ବସୁ, ବିଷ୍ଣୁ ଦେ, ଅମିୟ ଚକ୍ରବର୍ତ୍ତୀ, ସମର ସେନ, ଜୀବନାନନ୍ଦ ଦାସ । ସେମାନେ ସମସ୍ତେ ଇଂରାଜୀ ଅଧ୍ୟାପନା ନ କରୁଥିଲେ ମଧ୍ୟ, ଇଂରାଜୀ ସାହିତ୍ୟ ସହିତ ନିବିଡ଼ ସମ୍ପର୍କ ରଖିଥିଲେ—ଇଂରାଜୀ ପତ୍ର ପତ୍ରିକାମାନଙ୍କରେ ସେମାନେ ଲେଖୁଥିଲେ । ସେମାନଙ୍କର କବିତାରେ ପାଶ୍ଚାତ୍ୟ ପୁରାବୃତ୍ତର ଆଧୁନିକ ଓ ପୁରାତନ ଗାଥା ଭରି ରହିଥିଲା । ଏଣୁ ଟି. ଏସ୍. ଇଲିଅଟ ଓ ଓ୍ୱେବ୍‌ସ; ଡବ୍ଲ୍ୟୁ: ବି: ୟାଟ୍ସ ଓ କ୍ରିଷ୍ଟୋଫର କଡ଼ଓ୍ୱେଲ, ରଜନୀ ପାମିଦତ୍ତ ଓ ଅସଓ୍ୱାଲଡ୍ ସ୍ପେଙ୍ଗଲରଙ୍କର ଅନୁକୂଳ—ପ୍ରତିକୂଳ ପ୍ରବନ୍ଧରେ ଆଧୁନିକ ବଙ୍ଗ ସାହିତ୍ୟ ବିଭିନ୍ନ ଦିଗକୁ ଟାଣି ହୋଇ ଅନିଶ୍ଚିତ ପଥରେ ଗତି କରୁଥିଲା ।

କିନ୍ତୁ ପାଶ୍ଚାତ୍ୟ ପ୍ରଭାବ ସର୍ବଦା ବଙ୍ଗବାସୀ ମନରେ ଗଭୀରତର ରେଖାପାତ କରି ଆସିଛି । ପାଶ୍ଚାତ୍ୟ ପୋଷାକପତ୍ର କି ପାଶ୍ଚାତ୍ୟ ଖାଆର ବୈଠକଖାନା ଦ୍ୱାରା ବଙ୍ଗୀୟ-ମାନେ ପ୍ରଭାବିତ ହୋଇ ନ ଥିଲେ ମଧ୍ୟ, ପାଶ୍ଚାତ୍ୟ ଜୀବନ ସଂପର୍କରେ ଯାହାର ବେଶି ପ୍ରବେଶ, ତାକୁ ପ୍ରକୃତ ବଙ୍ଗୀୟ ବୋଲି ମନେ କରାଯାଉଥିଲା । ସେ ସମ୍ବନ୍ଧରେ ବଙ୍ଗୀୟ ଓ ପାଶ୍ଚାତ୍ୟ ଦର୍ଶନ ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ସଂଘଟିତ ହେଉଥିଲା । ଉଦାହରଣ ସ୍ୱରୂପ, ସୁଧୀନ୍ଦ୍ର ନାଥ ଦତ୍ତଙ୍କର ଗଦ୍ୟ ଶୈଳୀ ସଂସ୍କୃତ ସାହିତ୍ୟ ସହ ଟି. ଏସ୍. ଇଲିଅଟ, ବୋଡ଼େଲେୟାର ଓ ପାଲ୍ ଭାଲେରୀଙ୍କର ବାକ୍ ଭଙ୍ଗିମାର ଅପୂର୍ବ ସମନ୍ୱୟ ଫଳରେ ଉନ୍ନତ ଓ ସଂଯତ ହୋଇ ପାରିଥିଲା । କିନ୍ତୁ ଏହା ସତ୍ତ୍ୱେ ତାଙ୍କର ଚିନ୍ତାଧାରା ସଂପୂର୍ଣ୍ଣ ସ୍ୱକୀୟତାର ସାକ୍ଷର ବହନ କରିଥିଲା । ଏହା ଯେ ସୁଧୀନ୍ଦ୍ର ନାଥ ଦତ୍ତଙ୍କ ପ୍ରତି କେବଳ ପ୍ରଯୋଜ୍ୟ ତାହା ନୁହେଁ, ସେହି ଯୁଗର ସବୁ ଲେଖକ ଉଣା-ଅଧିକେ ସେହି ପ୍ରକାର ସମନ୍ୱୟ ସାଧନ କରିପାରିଥିଲେ । ସୁଧୀନ୍ଦ୍ର ନାଥଙ୍କର ଅନନ୍ୟତାର କାରଣ, ଦୁଇଟିଯାକ ଗୁଣର ଆଦର୍ଶ ରସାତ୍ମକ ମିଶ୍ରଣ ତାଙ୍କର ଦ୍ୱାରା ହିଁ ସମ୍ଭବ ହୋଇ ପାରିଥିଲା ।

ଇଂରାଜୀ ସାହିତ୍ୟ ସହିତ ଆଜୀବନ ସମ୍ପର୍କ ସତ୍ତ୍ୱେ ଜୀବନାନନ୍ଦ ଦାସ ଯେଉଁ ନିର୍ବାଧ ଓ ପ୍ରାଣବନ୍ତ ଦେଶାତ୍ମ ବୋଧ କବିତା ରଚନା କରିଥିଲେ । ତାହା ଯେ କୌଣସି ସାହିତ୍ୟରେ ଦୁର୍ଲଭ । ଏଇ କବିତାଗୁଡ଼ିକରେ ବଙ୍ଗ ଜୀବନ ଓ ବଙ୍ଗୀୟ ପୃଷ୍ଠ ଭୂମିର ଏତେ ପୁଙ୍ଖାନୁପୁଙ୍ଖ ଚିତ୍ର ଭରି ରହିଛି ଯେ, ସେଗୁଡ଼ିକର ଅନୁବାଦ ସମ୍ଭବ ନୁହେଁ । (“ଆବାର ଆସିବ ଫିରେ” କବିତାଟି “ରୂପସୀ ବଙ୍ଗଲା”ର ଏକମାତ୍ର କବିତା ଯାହାକୁ ଏହି ପୁସ୍ତକରେ ଅନୁବାଦ କରିବା ନିମନ୍ତେ ମୁଁ ସାହସ କରିଛି । )

ଜୀବନାନନ୍ଦ ଯେତେବେଳେ ନିଜର କବି ଜୀବନର ଏକ ସଫଳ ପର୍ଯ୍ୟାୟରେ ଉପନୀତ ହୋଇଥିଲେ, ସେତେବେଳେ ବଙ୍ଗ ସାହିତ୍ୟ ୪୬ ଧର୍ମତାଲା ଷ୍ଟ୍ରୀଟ୍‌ରେ ଅବସ୍ଥାପିତ ନାଜୀବିରୋଧୀ ଲେଖକ ଓ କଳାକାର ସଂଘର ସାଂସ୍କୃତିକ ଦର୍ଶନର ସଂପୂର୍ଣ୍ଣ କବଳରେ ରହିଥିଲା । ଯୁଦ୍ଧ ପରେ ଏହି ସଂଘ ଅଗ୍ରଗାମୀ ଲେଖକ କଳାକାର ସଂଘରେ ପରିଣତ ହୋଇ ଷଷ୍ଠ ଦଶକରେ ନିଜର ପ୍ରତିପତ୍ତି ବିସ୍ତାର କରି ରଖିଲା ।

ଏହି ଅନୁଷ୍ଠାନ ତଦାନୀନ୍ତନ ସମସ୍ତ ଉତ୍ସାହୀ ଯୁବ ପ୍ରତିଭାମାନଙ୍କର ସାଧନା ପୀଠ ଥିଲା । ଜାତି-ଜୀବନ ବରଣ ଓ ବିଶ୍ୱାସ ସିଦ୍ଧି ଲକ୍ଷ୍ୟରେ ସେମାନଙ୍କର ବିଜୟ ଯେ ଅବଶ୍ୟମ୍ଭାବୀ, ଏ ସମ୍ପର୍କରେ କାହାର ସନ୍ଦେହ ନ ଥିଲା । ତେଣୁ ଯେହି ବିଶ୍ୱାସ ବିରୋଧରେ ଲେଖନୀ ଚଳାଇଲେ, ସେମାନେ ସେହି ଲେଖକଙ୍କୁ ପଳାୟନପନ୍ଥୀ ବୋଲି ଦୋଷ ଦେଉଥିଲେ । ତଥାପି ଜୀବନାନନ୍ଦ ଏହି ବିଶ୍ୱାସ ବିରୋଧରେ ଲେଖନୀ ଚଳାଇଲେ ଏବଂ ସେମାନଙ୍କର ସମାଲୋଚନା ସତ୍ତ୍ୱେ ସେ ନିଜର ଅବଧାରିତ ପଥରୁ ମୁହୂର୍ତ୍ତିକ ପାଇଁ ମଧ୍ୟ ବିଚ୍ୟୁତ ହେଲେ ନାହିଁ କିମ୍ବା ତାତ୍କାଳିକ ବିଶ୍ୱାସ ସହିତ ନିଜର ବିଶ୍ୱାସ ସାମିଲ କରିଦେଲେ ନାହିଁ । ଏହା ମଧ୍ୟ ଲକ୍ଷ୍ୟ କରିବାର କଥା ଯେ, ବଙ୍ଗ ସାହିତ୍ୟରେ ବାମପନ୍ଥୀ ଚିନ୍ତାଧାରାର ଅଦ୍ୟମାରମ୍ଭରେ ଯେଉଁ ଲେଖକମାନେ କବିତା ସୃଷ୍ଟି କରୁଥିଲେ ଓ ଯେଉଁ ପାଠକମାନେ କବିତା ପାଠ କରୁଥିଲେ, ସେମାନେ ସମସ୍ତେ ଥିଲେ ଇଂରାଜୀ ପଢ଼ୁଆ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ । ସେମାନେ ସମସ୍ତେ ହଠାତ୍ ନିରକ୍ଷର ଜନତାଙ୍କ ସମ୍ପର୍କରେ କବିତା ଲେଖିବା ଆରମ୍ଭ କରିଦେଉଥିଲେ । କିନ୍ତୁ ନିଜର ଓ ନିରକ୍ଷର ଜନତା ମଧ୍ୟରେ ଯେଉଁ ଶୂନ୍ୟସ୍ଥାନ ରହିଛି ତାହା ସେମାନେ ଉପଲବ୍ଧି କରି ପାରି ନ ଥିଲେ ।

ଏହାଦ୍ୱାରା ବିଭିନ୍ନ କ୍ଷେତ୍ରରେ ମାନସିକ ପୀଡ଼ନ ଫୁଟି ବାହାରିଲା । ସମର ସେନଙ୍କ କବିତାରେ ସହରୀ ସଭ୍ୟତାର ନଗଣ୍ୟତା ସୁନ୍ଦର ଭାବରେ ଫୁଟି ପାରିଥିଲେ ମଧ୍ୟ ସେ ଜନତାର ବିଜୟ ଉପରେ ବିଶ୍ୱାସ ରଖି ଯେଉଁ କବିତା ସବୁ ଲେଖିଥିଲେ ତାହା ମନକୁ ସେତେ ଛୁଇଁ ନ ଥିଲା । ସେ ଏହି ଯେତେବେଳେ ଉପଲବ୍ଧି କଲେ ସ୍ୱତଃ ପ୍ରବୃତ୍ତ ହୋଇ କବିତା ଲେଖିବା ଛାଡ଼ିଦେଲେ । ସେହିପରି ବିଷ୍ଣୁ ଦେଙ୍କର କବିତାର ମେରୁଦଣ୍ଡ ଥିଲା ମଣିଷ ପ୍ରତି ସମ୍ମାନ ଉପରେ ବିଶ୍ୱାସ ଓ ଖଟିଖିଆ ମଜଦୁର ପ୍ରତି ସମବେଦନା । କିନ୍ତୁ କେତେବେଳେ କେମିତି ସେ ଯେତେବେଳେ ପତାକାକୁ ସମ୍ମାନ ଦେଖାଇ କବିତା ଲେଖୁଥିଲେ । ସେ କବିତା ଉଚ୍ଚକୋଟୀର ହୋଇ ପାରୁ ନ ଥିଲା । କବିମାନେ ମାର୍କସବାଦୀଙ୍କର ଚାପରେ ନିଜର ଶ୍ରେଣୀ-ସମ୍ମାନ ଛାଡ଼ି ପାରି ନ ଥିଲେ । ପ୍ରକୃତରେ ସେ କାଳର ସୁଭାଷ ମୁଖୋପାଧ୍ୟାୟ ଓ ସୁକାନ୍ତ ଭଟ୍ଟାଚାର୍ଯ୍ୟଙ୍କର ମୁଷ୍ଟିମେୟ କେତୋଟି କବିତାକୁ ଛାଡ଼ିଦେଲେ, ୪୬ ଧର୍ମତାଲା ଷ୍ଟ୍ରୀଟ୍‌ର ସାହିତ୍ୟ ଦର୍ଶନରେ ପ୍ରତିଫଳିତ ହୋଇଥିଲା ଇଲିଅଟୀୟ ନୈରାଶ୍ୟବାଦର ଯଥାର୍ଥତା, ପୁନଶ୍ଚ ଜନତାର ଯେ ସର୍ବଶେଷରେ ବିଜୟ ହେବ ଏହି କାଳ୍ପନିକ ବିଶ୍ୱାସ ।

ଅପର ପକ୍ଷରେ ଯେଉଁମାନେ ନିଜର ସତ୍ତା ଅକ୍ଷୁଣ୍ଣ ରଖି ମଧ୍ୟ ଜନତାର ଭାଗ୍ୟ ସହିତ ଅସ୍ପଷ୍ଟ ସମ୍ପର୍କ ସ୍ଥାପନ କରିପାରିଲେ ସେମାନଙ୍କର ସଫଳତା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା, ସେହି କାରଣରୁ ବିଭୂତି ଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କର ସେହି ସମ୍ପର୍କ ଜଡ଼ିତ ପରିଚୟ ତତ୍କାଳୀନ ବାମପନ୍ଥୀ ଲେଖକମାନଙ୍କର ନିଜସ୍ୱ ପରିଚୟ ପ୍ରତିଷ୍ଠା କରିବା ନିମନ୍ତେ ଆତ୍ମସଚେତନ ପ୍ରଚେଷ୍ଟାଠାରୁ ଥିଲା ଅଧିକ ଗଭୀର ଓ ପ୍ରଗାଢ଼ । ଶସ୍ୟର ଫସଲ, ନଦୀର ସୌନ୍ଦର୍ଯ୍ୟ, ବିଭିନ୍ନ ଋତୁ ଓ ସାଧାରଣ ଲୋକଙ୍କର ଚଳଣି ସମ୍ପର୍କରେ ଜୀବନାନନ୍ଦଙ୍କର ଆତ୍ମଲବ୍ଧ ଜ୍ଞାନ, ବିଭୂତି ଭୂଷଣଙ୍କର ( ଯେଉଁ ବିଭୂତି ଭୂଷଣଙ୍କର ଅପୁର ସଂସାର ପରବର୍ତ୍ତୀ ପରକାଳରେ ସତ୍ୟଜିତ୍ ରାୟଙ୍କୁ ଭାରତୀୟ ସିନେମାର ଅନବଦ୍ୟତା ପ୍ରତିପାଦନ କରିବାକୁ ପ୍ରେରଣା ଯୋଗାଇ ଥିଲା ) ସମରୂପ ଅଭିଜ୍ଞତା ସହିତ ଏକାଭିଳା । ଯେହେତୁ କୌଣସି ନିର୍ଦ୍ଦିଷ୍ଟ ବାମପନ୍ଥୀ ଦଳୀୟ ମତ ସହିତ ତାହାର ସାମଞ୍ଜସ୍ୟ ନ ଥିଲା । ଏହି ଦୁଇଜଣଙ୍କ ସହିତ ସମାନ ଶ୍ରେଣୀରେ ଯେହି ସମସ୍ତର ଲୋକ ସଂସ୍କୃତି ପ୍ରବଣ ମାମିମା ରାୟଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିଯାଇପାରେ—ଯେଉଁ ଶିଳ୍ପୀଙ୍କ କୃତବିଷିର ଭାଷ୍ୟ କବି ବିଷ୍ଣୁ ଦେ ନିପୁଣତାର ସହିତ ଦେଇ ପାରିଥିଲେ ।

ଅଜି ବଙ୍ଗ ଦେଶରେ ପ୍ରାୟ ସ୍ୱୀକୃତ ଯେ ଜୀବନାନନ୍ଦ ଦାସଙ୍କର କବିତା ରବୀନ୍ଦ୍ରୋତ୍ତର ଯୁଗର ସମଗ୍ରତାକୁ ଅଙ୍ଗୀକାର କରି ପାରିଥିଲା । ନଜରୁଲ ଇସଲାମଙ୍କ ଦେଶାତ୍ମବୋଧ କବିତା କାଳକ୍ରମେ ନିସ୍ତ୍ରଭ ହୋଇଗଲା । ସଂସ୍କୃତ ସାହିତ୍ୟରେ ଗଭୀର ପ୍ରବେଶ ଯୋଗୁ ସୁଧୀନ୍ଦ୍ର ନାଥ ଦତ୍ତ ଆଧୁନିକ ସମସ୍ୟା ଓ ସାହିତ୍ୟ ସହିତ ଦେହରୁ ଲବ୍ଧ ଜ୍ଞାନର ସମ୍ମିଶ୍ରଣରେ ଏକ ଯଥାର୍ଥ ମିତସାର ସାହିତ୍ୟିକ ଶୈଳୀ ସୃଷ୍ଟି କଲେ । ବିଷ୍ଣୁ ଦେଙ୍କର ସ୍ପର୍ଶ ଥିଲା କୋମଳ, ବେଶି ମାତ୍ରାରେ ଭାବଜଡ଼ିତ, ଏବଂ ଅଡ଼େନ ଓ ଏଲୁଆଟଙ୍କର କବିତାରୁ ସ୍ୱୀକୃତ ବୁଦ୍ଧିଦୀପ୍ତ ଗଭୀର ଆତ୍ମପ୍ରତ୍ୟୟର ଏକ ପରିବେଶ ସୃଷ୍ଟି । ପ୍ରେମେନ୍ଦ୍ର ମିତ୍ରଙ୍କର ଲେଖାରେ ଥିଲା ବ୍ୟାପକ ଜନଜାଗୃତି ପ୍ରତି ଦୂରଦୂରାନ୍ତ ଦେଶ ପ୍ରତି ରୋମାଣ୍ଟିକ୍ ଆବେଦନ । ବୁଦ୍ଧଦେବ ବସୁଙ୍କର ଲେଖାରେ ଥିଲା ଉଲ୍ଲାସ ଓ ଉତ୍ସର୍ଗର ମନୋଭାବ । ଅମିୟ ଚକ୍ରବର୍ତ୍ତୀଙ୍କର ଲକ୍ଷଣୀୟ ଗୁଣ ଥିଲା ନବୀନ ବାକ୍-ଭଙ୍ଗୀ ଓ ଛନ୍ଦଗତ କୃତିତ୍ୱ । ସୁଧୀନ୍ଦ୍ର ନାଥଙ୍କ ପରି ଅଜିତ୍ ଦତ୍ତ ସାଂପ୍ରତିକତା ସହିତ ଭାରତକୁ ଜଡ଼ିତ କରାଇଥିଲେ—ତାଙ୍କର ଆଙ୍ଗିକ ଥିଲା ଋଜୁ ଓ ଶକ୍ତିଶାଳୀ, ଭାଷା ଥିଲା ସଂକ୍ଷିପ୍ତ । ପ୍ରତ୍ୟେକ କବି ନିଜର ବୈଶିଷ୍ଟ୍ୟ ଦ୍ୱାରା ବଙ୍ଗ କବିତାରେ ବିବର୍ତ୍ତନ ଆଣିଲେ । କିନ୍ତୁ ସେମାନଙ୍କର ବିଶେଷ ମୌଳିକତ ଥିବାପରି ମନେ ହୁଏ ନାହିଁ । ଅପର ପକ୍ଷରେ ଜୀବନାନନ୍ଦ ଦାସଙ୍କର ଥିଲା ମୌଳିକତା । ଅନିର୍ଦ୍ଧୃତ ଚିନ୍ତା ଓ ନିର୍ଦ୍ଦେଶହୀନ ଉଲ୍ଲାସ । ତେଣୁ ଆଜିର ବଙ୍ଗୀୟ ଯୁବକବିମାନଙ୍କ ଦୃଷ୍ଟିରେ ସେ ବସ୍ତୁତଃ ଟାଗୋରଙ୍କର ସ୍ଥାନପୂରଣ କରି ପାରିଛନ୍ତି । ସେମାନେ ଅଜି ଜୀବନାନନ୍ଦଙ୍କର ସର୍ବତୋମୁଖୀ ପ୍ରତିଭା ଦ୍ୱାରା ପ୍ରଭାବିତ । କିନ୍ତୁ ଏତିକି ପାର୍ଥକ୍ୟ ଯେ କବିତା ଛଡ଼ା ଅନ୍ୟ କୌଣସି କ୍ଷେତ୍ରରେ ତାଙ୍କର କୃତିତ୍ୱ ଟାଗୋରଙ୍କ କୃତିତ୍ୱ ସହିତ ସମକକ୍ଷ ନୁହେଁ ।

# ସେଇ ମଣିଷଟି

ଜୀବନାନନ୍ଦ କବିତାର ପରିଧି ବାହାରେ କୌଣସି ସାଫଲ୍ୟ ଅର୍ଜନ କରି ନାହାନ୍ତି । ସେ ଅବଶ୍ୟ କେତେକ କ୍ଷୁଦ୍ରଗଳ୍ପ, ପ୍ରବନ୍ଧ, ଏପରିକି ଉପନ୍ୟାସ ମଧ୍ୟ ଲେଖିଥିଲେ । କିନ୍ତୁ ତାଙ୍କର ବ୍ୟକ୍ତିତ୍ୱର ସମଗ୍ରତାରେ କେବଳ କବିତା ପରିପୂର୍ଣ୍ଣ ହୋଇରହିଥିଲା । ଟାଗୋର ଯେପରି କଳାମୂର୍ତ୍ତି ସହିତ କଳାର ଉପଲବ୍ଧିକୁ କିମ୍ବା ନିଜର ପରିଧାନ ସହିତ ନିଜର କବିତାକୁ । ନିଜର ରଚନା ଶୈଳୀ ସହିତ ନିଜର ରହିବା ଘରର ସାଜସଜ୍ଜାକୁ ସଂଶ୍ଳିଷ୍ଟ କରି ଦେଇ ପାରିଥିଲେ, ଜୀବନାନନ୍ଦଙ୍କର ଜୀବନରେ ତାହା ସଂଘଟିତ ହୋଇ ପାରି ନ ଥିଲା । କଳ୍ପନା ସହିତ ବାସ୍ତବତା କିମ୍ବା ନିଜର ବାତାବରଣର ସଂଶ୍ଳେଷଣ କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ପାରି ନ ଥିଲା । ସେ ପୂର୍ବବଙ୍ଗର ବରିଶାଲରେ ଜନ୍ମ ଲଭ କରି ସେହିଠାରେ ବାଲ୍ୟକାଳ ଯାପନ କରିଥିଲେ । ବାକିତକ ଜୀବନ ସେ କଲିକତାରେ କଟାଇ ଦେଲେ । ତାଙ୍କର ଚତୁଷ୍ପାର୍ଶ୍ୱର ଜୀବନରୁ ସେ ଦୂରରେ ରହୁଥିଲେ ମଧ୍ୟ, ପୁଙ୍ଖାନୁପୁଙ୍ଖ ଭାବରେ ତାହା ନିରୀକ୍ଷଣ କରିପାରିବା ଥିଲା ତାଙ୍କର ଅନନ୍ୟ ଦକ୍ଷତା । ଜୀବନ ସହିତ ତାଙ୍କର ମିଳାମିଶାର ଏକମାତ୍ର ପରିପ୍ରକାଶ ତାଙ୍କର ଲେଖା । ସେ କେବଳ କବି ହିଁ ଥିଲେ । କବିଛଡ଼ା ସେ ଆଉ କିଛି ହୋଇ ପାରି ନ ଥିଲେ ।

ନିଜର ଏକ ପ୍ରବନ୍ଧରେ ସେ କହିଛନ୍ତି, "ଜଣେ ବ୍ୟକ୍ତି ଯଦି ପ୍ରକୃତରେ କବି ହୋଇଥାଏ, ସେ ଦୈନନ୍ଦିନ ପୃଥିବୀକୁ ଏକମାତ୍ର କବିତା ଛଡ଼ା ଆଉ ଅନ୍ୟ କିଛି ଦେଇ ନ ପାରେ ।"

ଅତୀବ ଦୁଃଖର କଥା ଏବଂ ଏହା ବୋଧହୁଏ କାବ୍ୟିକ ନ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ, ଏପରି ଏକ କମନୀୟ ବ୍ୟକ୍ତିତ୍ୱ ଚଳନ୍ତା ଟ୍ରାମ୍ ତଳେ ଚାପା ପଡ଼ି ଶେଷ ନିଃଶ୍ୱାସ ତ୍ୟାଗ କଲେ । ମୃତ୍ୟୁ ପୂର୍ବରୁ ଏହି ପ୍ରକାର ଦୟନୀୟ ପରିଣତିର ପ୍ରାଗ୍‌ଭାବନା ତାଙ୍କୁ ମଧ୍ୟ ଅହରହ ଆକ୍ରାନ୍ତ କରୁଥିଲା । ଲୋକମାନେ ତାଙ୍କୁ ଭୁଲ ବୁଝିବାକୁ ଆରମ୍ଭ କରିଥିଲେ—ସେ ଯେ ଗଭୀର ଭାବରେ ପ୍ରାଣବନ୍ତ ଓ ହୃଦୟବାନ୍ ଏହା ଲୋକେ ଭାବି ପାରୁ ନ ଥିଲେ । ବହୁଦିନ ଧରି ସେ ପରମ୍ପରାବାଦୀ ତଥା ଆଧୁନିକତାବାଦୀ ଉଭୟ ଗୋଷ୍ଠୀର ଉପହାସର ଶରବ୍ୟ ହୋଇଥିଲେ । ସଜନୀକାନ୍ତ ଦାସଙ୍କ ପରି ଜଣେ ପରମ୍ପରାବାଦୀ "ଶନିବାରେର ଚିଠି" ପତ୍ରିକାର ପ୍ରାୟ ପ୍ରତି ସଂଖ୍ୟାରେ ତାଙ୍କର କଟୁ ସମାଲୋଚନା କରୁଥିଲେ । ସେ ଏକ ନୈଷ୍ଠିକ ବ୍ରାହ୍ମ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାପା ଥିଲେ ଜଣେ ବିଦ୍ୱାନ୍ ସ୍କୁଲ

ଶିକ୍ଷକ ଓ ମାଆ ଥିଲେ କବି । ସେ କିଛିଦିନ ପାଇଁ ବ୍ରାହ୍ମ ସମାଜ ଦ୍ୱାରା ପରିଚାଳିତ ସିଟି କଲେଜରେ ଇଂରେଜୀ ଅଧ୍ୟାପନା କରୁଥିଲେ । ଏହି ପଦବୀରୁ ତାଙ୍କ ରକ୍ଷଣଶୀଳ କର୍ତ୍ତୃପକ୍ଷ ତାଙ୍କୁ ବହିଷ୍କାର କରିଦେଲେ କାରଣ ତାଙ୍କର ଏକ କବିତା ଯୁନର ଗୌରବ ଉପରେ ଆଧାରିତ ଥିଲା । ଆଉ ମଧ୍ୟ ଶୁଣାଯାଏ ଯେ, ବନଲତା ସେନ କିଏ— ଜାଣିବାକୁ ତାଙ୍କର ପରିବାର ବର୍ଗ ଓ ବନ୍ଧୁବାନ୍ଧବ ଦାବୀ କରୁଥିଲେ ଏବଂ ତାଙ୍କ ପରି ଜଣେ ବିବାହିତ ବ୍ୟକ୍ତି କାହିଁକି ଅନ୍ୟ ଏକ ନାରୀ ସହିତ ଜଡ଼ିତ ଏଥିରେ ରୁଷ୍ଟ ହେଲେ । ଏହାର ସତ୍ୟତା କେତେଦୂର ଜାଣିବାର ଉପାୟ ନାହିଁ । କିନ୍ତୁ ସେହି ସମୟରେ ଏପ୍ରକାର ପ୍ରଶ୍ନ ଉଠିବା ଅସମ୍ଭବ ନ ଥିଲା ।

ବସ୍ତୁତଃ, ସେ ସାରାଜୀବନ ଇଂରାଜୀ ସାହିତ୍ୟର ଶିକ୍ଷକ ଥିଲେ । କିନ୍ତୁ ନିଜର ଆୟ ଯଥେଷ୍ଟ ହେଉ ନ ଥିବାରୁ ସେ ଜୀବନବୀମା ବ୍ୟବସାୟ କରିବାକୁ ବାଧ୍ୟ ହୋଇ- ଥିଲେ । ସେତେବେଳେ ତାଙ୍କର କବିତା ଆଦର ପାଉଥିଲେ ମଧ୍ୟ, ପୁସ୍ତକ ବିକ୍ରୀରୁ ସେ ଯଥେଷ୍ଟ ଆୟ ପାଉ ନ ଥିଲେ ।

ଲୋକମାନଙ୍କ ସହିତ ସମ୍ପର୍କ ରଖିବାରେ ସେ ଥିଲେ ଅପଟୁ । ଲୋକମାନଙ୍କ ସହିତ କିପରି ମିଳାମିଶା କରିବାକୁ ହୁଏ, ସେ କୌଶଳ ତାଙ୍କୁ ଜଣା ନ ଥିଲା । ବୁଦ୍ଧଦେବ ବସୁଙ୍କ ପରି ତାଙ୍କର ଜଣେ ଗୁଣମୁଗ୍ଧ ବ୍ୟକ୍ତି ମଧ୍ୟ ଏହି କଥା କୁହନ୍ତି । ପ୍ରକୃତରେ ଅନେକ ସମୟରେ ତାଙ୍କର ମୁହଁ ଥିଲା ଲୋକଙ୍କ ପକ୍ଷରେ ମୁଖା ପରି ଅଭେଦ୍ୟ ଦୁର୍ଭେଦ୍ୟ । ଲୋକେ ସେ ତାଙ୍କୁ ବୁଝିପାରୁ ନ ଥିଲେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଟାଗୋରଙ୍କର ଚାଲିଚଳଣରେ ଯେଉଁ ପ୍ରଶାନ୍ତ ଓ ହେମନ୍ତସୁଲଭ ସମସ୍ତଙ୍କୁ ମୁଗ୍ଧ କରୁଥିଲା, ସେପରି ଏକ ଅବସ୍ଥାରୁ ବହୁଦୂରରେ ଥିଲେ ଜୀବନାନନ୍ଦ । ମନେହୁଏ, ତାଙ୍କ ସମକାଳୀନ ଯୁଗର ଉତ୍ତେଜନା, ଅବ୍ୟକ୍ତ ଯନ୍ତ୍ରଣା, ଅବିଶ୍ୱାସ ଓ ହତାଶାର ସେ ଥିଲେ ଏକ ପ୍ରତୀକ । ନିଜର ସାହିତ୍ୟ କର୍ମ ତଥା ଜୀବନଚର୍ଯ୍ୟା—ଉଭୟରେ ସେ ଥିଲେ ରବୀନ୍ଦ୍ରୋତ୍ତର ଯୁଗର ବ୍ୟକ୍ତି ।

## କବି ଜୀବନାନନ୍ଦ

ପଡ୍ତ୍ତଗଲ୍ଲ—'କେଉଁଠି ହେ ଥିଲ ଏତେ ଦନ ?'
ପକ୍ଷୀ—ମୋତ ଆଖିଟେକ ନାଟୋର୍‌ର ବନଲତା ସେନ ।

ରୂପକଳ୍ପର ମୌଳିକତା ଜୀବନାନନ୍ଦ ଦାସଙ୍କର ଅନବଦ୍ୟ ସାହିତ୍ୟକୃତିର ଏକ ଅଂଶ ମାତ୍ର । କିନ୍ତୁ ବଙ୍ଗ ଭାଷା ଛଡ଼ା ଅନ୍ୟ ଭାଷାରେ କିମ୍ବା ଅନୁବାଦ ମାଧ୍ୟମରେ ତାଙ୍କ ସମ୍ପର୍କରେ ଆଲୋଚନା କରିବା ବେଳେ ଏହି ବିଭବରୁ ଆରମ୍ଭ କରିବା ଶ୍ରେୟସ୍କର । କାରଣ ଅନୁବାଦରେ ମଧ୍ୟ ରୂପକଳ୍ପର ଅନନ୍ୟତା ଓ ଶକ୍ତି ସମ୍ପର୍କରେ କିଛି ସୂଚନା ମିଳିପାରେ । ତାହାଛଡ଼ା, ଏହି ରୂପକଳ୍ପରୁ ଜଣାପଡ଼େ ତାଙ୍କର କବିତା କିପରି ପାରମ୍ପରିକ ରୀତି ଓ ଆଧୁନିକ ଶୈଳୀର ଏକ ସୁନ୍ଦର ସମନ୍ୱୟ । ଜୀବନାନନ୍ଦଙ୍କୁ ବୁଝିବା ପାଇଁ ବସ୍ତୁତଃ ଏହାହିଁ ଶୁଭାରମ୍ଭ ।

ଜୀବନାନନ୍ଦଙ୍କର ରୂପକଳ୍ପ ତାଙ୍କର ଏକାନ୍ତ ନିଜସ୍ୱ । ଅଥଚ ଟାଗୋରଙ୍କର ରୂପକଳ୍ପ ସଂସ୍କୃତ ସାହିତ୍ୟର ପରମ୍ପରା ଓ ଆମ୍ଭାଭିମାନରୁ ଉଦ୍ଭୂତ ( ସେଥିପାଇଁ ତାଙ୍କର କବିତାକୁ ଅନୁବାଦ କରିବାବେଳେ ସେଇ ରୂପକଳ୍ପକୁ ଚିହ୍ନି ହୁଏ ନାହିଁ, କାରଣ ତାହା କ୍ଲିଷ୍ଟ ମନେ ହୁଏ । ) ଜୀବନାନନ୍ଦଙ୍କ ଲେଖା ନିର୍ଦ୍ଦିଷ୍ଟ, ସେଥିରେ କାବ୍ୟିକ ରୀତିର ଅଳଙ୍କାର-ମଣ୍ଡଣି ନାହିଁ । କେବେକେବେଳେ ସେ ଅସୁନ୍ଦରକୁ ଅସୁନ୍ଦର ନ କହିବାକୁ ଚେଷ୍ଟା କରିନାହାନ୍ତି । ବୁଦ୍ଧଦେବ ବୋସ୍, ବିଷ୍ଣୁ ଦେ ପ୍ରଭୃତି କବିମାନେ ଟାଗୋରଙ୍କର ବିରୋଧରେ ବିଦ୍ରୋହ କରିଥିଲେ ମଧ୍ୟ, ସେମାନଙ୍କର ଭାଷାର ବିନ୍ୟାସ ଓ ବ୍ୟବହାରରେ ସେମାନେ ଟାଗୋରଙ୍କର ନିକଟତର ଥିଲେ ।

ଜୀବନାନନ୍ଦ ତାଙ୍କ କବିତାରେ ଗଛକୁ ଗଛ ବୋଲି କହି ଛାଡ଼ି ଦେଉ ନ ଥିଲେ । ଗଛର ନାମ ସେ ଉଲ୍ଲେଖ କରୁଥିଲେ । ଅଧିକାଂଶ ସମୟରେ ତାଙ୍କର ଶବ୍ଦ ଯୋଜନା ପରିପ୍ରେକ୍ଷୀ ସହିତ ମେଳଖାଏ ନାହିଁ । ତେଣୁ ସେଥିରେ ଏକ ଅଭିମାନସିକ୍ତ ଶକ୍ତି ଲକ୍ଷିତ ହୁଏ । ତାଙ୍କର ବାକ୍ୟ ଗଠନ ପ୍ରଣାଳୀ ଅତି ଜଟିଳ । ତହିଁରେ କେତେକ ଶବ୍ଦ ଉହ୍ୟ ରହି ଯାଇଥାଏ ଓ ମଝିରେ ମଝିରେ ଅନ୍ୟ ଏକ ବାକ୍ୟର ଭଗ୍ନାଂଶ ଦେଖିବାକୁ ମିଳେ ।

ଜୀବନାନନ୍ଦଙ୍କର ରୂପକଳ୍ପର ବିସ୍ତୀର୍ଣ୍ଣ ପରିସରର ଗୋଟିଏ ପଟେ ଅଛି "ମୃତ୍ୟୁ ପୂର୍ବରୁ" ( ଶୀ. ୧ ) । ତାହା ବହୁ ଜଟିଳ ରୂପକଳ୍ପ ଦ୍ୱାରା ଭାରାକ୍ରାନ୍ତ । ନିଜର ପ୍ରାଞ୍ଜଳ ଅଭିଜ୍ଞତା ଲବ୍ଧ ଏହି ରୂପକଳ୍ପମାନେ କେତେବେଳେ ଦୃଶ୍ୟମାନ ତ କେତେ-ବେଳେ ଅଲୌକିକ ଅନୁଭବସ୍ଥ । ହଠାତ୍ ସେଗୁଡ଼ାକ ଅଭିଜ୍ଞତାର ସ୍ତର ଭେଦ କଳ୍ପନା ରାଜ୍ୟକୁ ଡେଣା ମେଲାଇ ଉଡ଼ିଯାଇଛନ୍ତି । ତେଣୁ ମିଶ୍ରିତ ଅଳଙ୍କାରରେ ପରିଭୂଷିତ ହୋଇ ଅଦ୍ଭୁତ ଶକ୍ତି ଆହରଣ କରିପାରିଛନ୍ତି । ଯେପରିକି—

"ନରମ ନଦୀର ନାରୀ ବିଞ୍ଚିଦିଏ ଫୁଲ କୁହେଳିର"

... ...

"ଜଙ୍ଗଲର ଧୂସର ବାଷ୍ପରେ ତରଙ୍ଗ ଝରଉଛି ଦୁଇଓଳି
ନିର୍ଜନ ମାଛର ନେତ୍ରେ"

... ...

"ଛଣଛପର ଗ୍ରୀବାର ଖୋଦାଇ ଜ୍ୟୋତ୍ସ୍ନାର ଅଙ୍ଗନେ ଲେଟେ,"
"ଆଖିଦେଖା ହାତ ଗୁଡ଼ି ଦେଇ ସେ ଆଲୋକ ହୋଇଅଛି ସ୍ଥିର"

ଏହି ରୂପକଳ୍ପ ଗୁଡ଼ିକ ଗଭୀର ଓ ପ୍ରକୃତିର ଉପଲବ୍ଧିରେ ସ୍ୱଚ୍ଛ । ତେଣୁ କବିତାର ପ୍ରଧାନ ଉପଜୀବ୍ୟ ବିଷୟ ବସ୍ତୁର ମହାସ୍ରୋତରେ ଅନାୟାସରେ ମିଶି ଯାଇ ପାରିଛନ୍ତି । ଏହା କବିତାଟିର ଶେଷ ଅଂଶ ପାଠକଲେ ସହଜରେ ବୁଝିହୁଏ—

"ମୃତ୍ୟୁ ଆଗେ ଆମେ ଅଉ କଣ ଚାହୁଁ ବୁଝିବାକୁ ?
ଜାଣିନୁ କି ଆହା, ରଙ୍ଗୀନ୍ କାମନା ଧାରେ
ପ୍ରାଚୀରି ସମାନ ଜାଗି ଉଠେ ଧୂସର ମୃତ୍ୟୁର ମୁଖ ।
ଦିନେ ପୃଥିବୀରେ ସ୍ୱପ୍ନ ଥିଲା, ସ୍ୱର୍ଣ୍ଣ ଥିଲା ଯାହା
ପାଏ ନିରୁତ୍ତର ଶାନ୍ତି,
ବୋଧହୁଏ କେଉଁ ଯାଦୁକରୀ ପ୍ରୟୋଜନେ
ଆଉ କଣ ଜାଣିବାକୁ ଚାହୁଁ ଅମେ ?
ସୂର୍ଯ୍ୟାସ୍ତରେ ପକ୍ଷୀମାନଙ୍କର କଳରବ ଶୁଣିନୁ କି ?
ପ୍ରାନ୍ତରର କୁହେଳି ଦେଖିନୁ କି ଉଡ଼ିଯାଇ ଅଛି କାକ ?"

ଅଧିକାଂଶ କବିତାରେ ଜୀବନାନନ୍ଦ ରୂପକଳ୍ପ ପରେ ରୂପକଳ୍ପ ଗଢ଼ି ଚାଲି ଥାନ୍ତି । ପ୍ରଭାବ ଉପରେ ପ୍ରଭାବ ପକାଇ ଚାଲନ୍ତି । କିନ୍ତୁ ହଠାତ୍ ଖସି ଆସନ୍ତି ବାସ୍ତବତାକୁ ଏକ ନାଟକୀୟ ଭଙ୍ଗୀରେ । ଏହାର ଏକ ଉଦାହରଣ ତାଙ୍କର "ଶବ" କବିତା ( ଶୀ.୭ ) ।

ଏହି ରୂପକଳ୍ପ ସୃଷ୍ଟିରୁ ଜଣାପଡ଼େ ଯେ କବି ପ୍ରକୃତିର ନିବିଡ଼ ସଂସ୍ପର୍ଶରେ ଆସିଥିଲେ ଏବଂ ପ୍ରକୃତିକୁ ନିବିଡ଼ ଭାବରେ ନିରୀକ୍ଷଣ କରି ନିଜର ଅନ୍ତଃସ୍ଥ କରିପାରିଥିଲେ ।

ଅପର ପାର୍ଶ୍ୱରେ ତାଙ୍କର କେତେକ ରୂପକଳ୍ପ ଏତେ ସରଳ ଯେ, ସେଥି ସହିତ ଅପରିଚିତ ବ୍ୟକ୍ତି ପ୍ରଥମେ ବିସ୍ମିତ ହୋଇଯିବ । ଉଦାହରଣ ସ୍ୱରୂପ, "ହାୟ ଚିଲ" ( ଶୀ.୧୭) କବିତାରେ ଆଖିକୁ ସେ ବେତଫଳ ସହିତ ତୁଳନା କରିଛନ୍ତି । ଏହା ଏକ ଆକ୍ଷରିକ ଉପମା କାରଣ ଆଖି ଓ ବେତଫଳ ଦୁହେଁ ସମାନ ଦେଖାଯାଆନ୍ତି ।

କିନ୍ତୁ ଏ ପ୍ରକାର କବିତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର କବିତା ହେଲା "ଲଘୁ ମୁହୂର୍ତ୍ତ" ( ଶୀ.୨୧ ), ଯହିଁରେ ଅଛି ସହଜପଣ, ବାକ୍ଚାତୁରୀ, ପ୍ରଚୁର ଦୁଷ୍ଟାମି ଓ ଉକ୍ତତା—

"ଏମାନଙ୍କର ଏଇ ଫେଣାଫେଣି କଥା ଶୁଣି ଶୁଣି
ବରଂ ମଶକଟାଏ ସେମାନଙ୍କ ନାକରୁ ନାକ ଡ଼େଇଁ ଡ଼େଇଁ ଗୁଲ୍‌ଗଲା,
ସତେ ଅବା ବେଣ୍ଟିକ୍ ଷ୍ଟ୍ରୀଟ୍ ନଦୀକୂଳରେ ବସି
ସେମାନେ ହିସାବ କରିବସିଲେ ପୃଥିବୀର ପଣ୍ୟଜନସମାନ"

ଏବଂ ଏହି ଲଘୁତା ଭିତରେ ଅଛି ଏକ ଗାଢ଼ ଅଭିବ୍ୟକ୍ତି :

"କାହିଁକି ନା ଏବେ ସେମାନେ ଯେଉଁ ଦେଶକୁ ଯିବେ
ତା ନାଆଁ ହିଡ଼ନ୍ତା ନଈର ଦେଶ
ସେଠାରେ ହାଡ଼ୁଆ ମୁହଁ ଓ ହାଡ଼ମାନେ
ପାଣି ଧାରକୁ ଆସି ମୁହଁ ଦେଖନ୍ତି
ଯେତେବେଳେ ମୁହଁ ଦେଖି ହୁଏ ।"

ତାଙ୍କ ଲେଖାରୁ ଆଉ ଏକପ୍ରକାର ରୂପକଳ୍ପ ଜନ୍ମ ନେଇଛି ସମ୍ପୂର୍ଣ୍ଣ ଇଂରାଜୀ ଚଳଣିରୁ ।

ଯେତେବେଳେ ମୁଁ "ସପ୍ତକ" ପଢ଼ିଲି, ତାହାର ପ୍ରଥମ ଦୁଇ ଧାଡ଼ିରେ କବି କଣ କହିବାକୁ ଚାହୁଁଛନ୍ତି ବୁଝିବାକୁ ମୋତେ କିଛି ସମୟ ଲାଗିଲା । କିନ୍ତୁ ଯେତେବେଳେ ମୁଁ ତା'ର ଇଂରାଜୀ ଅନୁବାଦ କଲି, ତାହାର ଅର୍ଥ ଆପେ ଆପେ ବୋଧଗମ୍ୟ ହୋଇଗଲା । ମନେହେଲା ମୌଳିକ ଧାଡ଼ି ଦୁଇଟି ସତେ ଅବା ଅନୁବାଦ—

"Here lies Sarojini ( I do not know
if she still lies there ) ; she has
lain here for long."

ବଙ୍ଗଭାଷାରେ ଏହି କାବ୍ୟଟିର ପ୍ରଥମ ଅଂଶ ଏକ ସମାଧିର କଳ୍ପନା ମନରେ ଆଣେନାହିଁ । ମନେହୁଏ, ସରୋଜିନୀ ନାମକ ଏକ ଜୀବନ୍ତ ସ୍ତ୍ରୀ ଲୋକ ବିଛଣାରେ ଶୋଇଛି, କିନ୍ତୁ ଦ୍ୱିତୀୟ ବାକ୍ୟର ଶେଷ ଆଡ଼କୁ ଇଂରେଜୀ ଚଳଣିର ସମାଧି-ଫଳକ ଚଟ ଧକ୍କା ଦେଲା ଭଳି ଆସିଯାଏ—

ଏଇଠି ଶୋଇଛି ସରୋଜିନୀ—

ଏବେ ଏଠି ଶୋଇଛି କି ନାହିଁ ଜାଣେନା ମୁଁ । ଏଇଠି ସେ ବହୁକାଳ ଶୋଇଥିଲା ।

ସେହିପରି "ବିଗ୍ରହ" ( ଶ୍ରୀ.୮ ) କବିତାରେ କବି ଉପର୍ଯ୍ୟୁକ୍ତ କୌଶଳ ଅବଲମ୍ବନ ନ କରିଥିଲେ ମଧ୍ୟ, ସେଥିରେ ପାଶ୍ଚାତ୍ୟ ସାହିତ୍ୟର ବାତାବରଣରୁ ଉଦ୍ଭୂତ ରୂପକଳ୍ପର ସଂକେତ ମିଳେ । ସପ୍ତକ ଓ ବିଗ୍ରହ—ଉଭୟ କବିତାରେ କବି ବର୍ଣ୍ଣନାର ସମତଳ ଭୂମିରୁ ହଠାତ୍ ବିଶ୍ୱଜାଗତିକତାକୁ ଲମ୍ଫ ପ୍ରଦାନ କରିଛନ୍ତି । ଉଦାହରଣ ସ୍ୱରୂପ, 'ସପ୍ତକ' କବିତାର ଶେଷ ଭାଗରେ—

"ଶୁଷ୍କ ଜାଫ୍‌ରାନୀ ଆଲୋକ ସନ୍ଧ୍ୟାକାଶେ ସଞ୍ଚରୁଛି
ଅଦୃଶ୍ୟ ମାର୍ଜାର ପରି ;
ତା' ମୁହଁରେ ଲକ୍ଷି ଅଛି ଶୂନ୍ୟ ଗୃତୁଆର ରୁକ୍ଷ ହସ ।"

ଏହି ସବୁ କବିତାମାନଙ୍କରେ ଅଭିଜ୍ଞତାର ଉତ୍ସ ହେଲା ପ୍ରକୃତି, ନଗରୀୟ ପରିବେଶ ଓ ପାଶ୍ଚାତ୍ୟ ସାହିତ୍ୟ । ସେଇଥିରୁ ସେ ରୂପକଳ୍ପମାନ ଆହରଣ କରିଛନ୍ତି । କିନ୍ତୁ ଐତିହାସିକ ରୂପକଳ୍ପଗୁଡ଼ିକ ତାଙ୍କର ଏକାନ୍ତ ଆପଣାର । ସେହି ରୂପକଳ୍ପଗୁଡ଼ିକ ତାଙ୍କ ଲେଖାରେ ବେଶ୍ ଶକ୍ତିଶାଳୀ, ଓ ବାରଂବାର ଦୃଷ୍ଟି ଗୋଚର ହୁଏ । ତାଙ୍କର ଶ୍ରେଷ୍ଠ କବିତା 'ବନଲତା ସେନ'ର ପ୍ରାରମ୍ଭ ହେଉଛି—

"ହଜାର ବରଷ ଧରି ବୁଲୁଛି ମୁଁ ପଥଗୃଶି ପୃଥିବୀର ପଥେ,
ସିଂହଳ ସମୁଦ୍ରଠାରୁ ନିଶୀଥର ଅନ୍ଧକାରେ ମାଳୟ ସାଗରେ ;
ବହୁତ ଭ୍ରମିଛି ମୁହିଁ; ବିଂବିସାର ଅଶୋକଙ୍କ ଧୂସର ଜଗତେ
ସେଠାରେ ମୁଁ ଥିଲି; ଆଉ ଥିଲି ଦୂର ଅନ୍ଧକାରେ ବିଦର୍ଭ ନଗରେ ;
ମୁଁ ଯେ ଏକ କ୍ଳାନ୍ତ ପ୍ରାଣ; ଚଉଦିଗେ ଜୀବନର ସମୁଦ୍ର ସଫେନ,
ଦୁଇଦଣ୍ଡ ଶାନ୍ତି ମୋତେ ଦେଇଥିଲା ନାଟୋରର ବନଲତା ସେନ"

ସମସ୍ତର ଗନ୍ଧବନ୍ଧ, ଦୀର୍ଘ ପଥ ଅତିକ୍ରମ କରି କରି ଆତ୍ମାର କ୍ଳାନ୍ତି ଏହି କବିତାର ପ୍ରତି ଶବ୍ଦରେ ଗଭୀର ଭାବରେ ଉପଲବ୍ଧି କରିହୁଏ । ସେହି କ୍ଳାନ୍ତି ପୁଣି ବହିର୍ଗତ ହୋଇ ପାଠକକୁ ସ୍ତମ୍ଭୀଭୂତ କରିଦିଏ । ଯେପରିକି "ପଥଚଲା" ( ଶୀ.୬ )

"ଚକ୍ଷୁ ମୋର ନଇଁଯାଏ—ଚୁରୁଟ୍ ନୀରବେ ଜଳେ—
ପବନରେ ବହୁ ଧୂଳି, କାଠି, କୁଟା ;
ଆଖିବୁଜି ଗୋଟିଏ କଣକୁ ଘୁଞ୍ଚି ଯାଏଁ ;
ଗଛରୁ ଉଡ଼ିଯାଇଛି ଅନେକ ଶୁଖିଲା ପତ୍ର ;
ବାବିଲନ୍‌ରେ ଏକା···ଏକା ··ଏଇମିତି
ବୁଲିଛି ମୁଁ କେତେରାତି କାହିଁକି କେଜାଣି,
ଏ ଅବଧି ଅଧିକ ମୁଁ ଜାଣି ନାହିଁ
ହଜାର ହଜାର ବ୍ୟସ୍ତ ଶତାବ୍ଦୀ ଶେଷରେ ।"

କବିତାଟିର ଆରମ୍ଭ ହୁଏ ଏକ ଚିତ୍ତାକର୍ଷକ ବର୍ଣ୍ଣନାରେ । ପ୍ରକୃତରେ କଲିକତା ନଗରରେ ରହିବାରେ ପଥଚଲାର ଅଭିଜ୍ଞତା ଏଥିରେ ସୁସ୍ପଷ୍ଟ । ହଠାତ୍ ଶେଷଆଡ଼କୁ କବି ବାବିଲନ୍ ସହରକୁ ଆମକୁ ନେଇ ଯାଇଛନ୍ତି ଅତି ଆଚମ୍ବିତ ଭାବରେ । ଆମକୁ ବିଚ୍ୟୁତ କରି ଦେଇଛନ୍ତି ଆମର ଜଣାଶୁଣା ଅଭ୍ୟସ୍ତ ବାସ୍ତବତାରୁ ।

ଜୀବନାନନ୍ଦଙ୍କ କବିତାରେ ଇତିହାସର ଅଜସ୍ର ଉଲ୍ଲେଖ ଦେଖିବାକୁ ମିଳେ । କେବଳ ଇତିହାସ ନୁହେଁ, ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତି, ସ୍ଥାନ ଓ ସମୟ ଏହାର ପଂକ୍ତି-ମାନଙ୍କରେ ଚଳପ୍ରଚଳ ହୁଅନ୍ତି । ଯେପରି—ବାବିଲନ୍, ଫିନିସିଆ, ଆସିରିଆ, ନିନେଭେ (ପଶ୍ଚିମ ଏସିଆ ଓ ଇଜିପ୍ଟର ଅନ୍ତର୍ହିତ ସଭ୍ୟତା ତାଙ୍କୁ ମୋହଗ୍ରସ୍ତ କରିଥିଲା ଯେମିତି), ପାତଞ୍ଜଳି, ଅମ୍ବାପାଲୀ, ନାଗାର୍ଜୁନ, ଶ୍ରାବସ୍ତୀ, କନଫୁସିଅସ୍, ଆଟିଲା ପ୍ରଭୃତି ଶହ ଶହ ଐତିହାସିକ ନାମ ତାଙ୍କର କବିତାରେ ହଠାତ୍ ଆବିର୍ଭୂତ ହୋଇଛନ୍ତି । "Last Night of Capricern" କବିତାରେ ଐତିହାସିକ ସମୟସ୍ରୋତର ଚେତନାକୁ ସେ ପକ୍ଷୀର ଉଡ଼ିଯିବା ଦୃଶ୍ୟର ତୁଳନା କରିଛନ୍ତି । ଏହି ପକ୍ଷୀ ରୂପକଳ୍ପ ତାଙ୍କର "ସୂର୍ଯ୍ୟ ପ୍ରତିମ" (ଶୀ.୧୯) ଓ ଆହୁରି ଅନେକ କବିତାରେ ଦେଖିବାକୁ ମିଳେ । କେବଳ କାଳଚେତନା ନୁହେଁ, ଦେଶ ଚେତନା ମଧ୍ୟ ତାଙ୍କର କବିତାର ପ୍ରଗାଢ଼ ଉପଜୀବ୍ୟ ଉପାଦାନ । ମାଳୟ, ଇଜିପ୍ଟ, ଆଟଲାଣ୍ଟିକ ମହାସାଗର, ବେରିଙ୍ଗ୍ ପ୍ରଣାଳୀ ପ୍ରଭୃତି ହଠାତ୍ ଆସି ତାଙ୍କ କବିତାରେ ପହଞ୍ଚି ଯାଆନ୍ତି । ଏଡ଼ିଥ୍ ସିଟ୍‌ୱେଲଙ୍କ କବିତା ପରି ତାଙ୍କ କବିତାରେ ପ୍ରାଣୀ ଜଗତର ମଧ୍ୟ ଭିଡ଼ ଅଛି । ଯେପରି ମୁମୂର୍ଷୁ ଅଶ୍ୱର କ୍ଷତ, ଅଥବା ଅନ୍ଧ ବୃଦ୍ଧ ଉଲୁକ, ହଂସ, ଓଟ, ସ୍ୱର୍ଣ୍ଣ ସିଂହ, ଶକୁନ, ବୈଚିତ୍ର୍ୟହୀନ ବେଙ୍ଗ, ମଶା ଏ ସମସ୍ତ ତାଙ୍କ କବିତାରେ ସ୍ଥାନ ପାଇଛନ୍ତି । କିନ୍ତୁ ଫୁଲର ଉଲ୍ଲେଖ କେଉଁଠି ନାହିଁ । କେତେକ ଗଛ ଲତାର ନିର୍ଦ୍ଦିଷ୍ଟ ଉଲ୍ଲେଖ ଅବଶ୍ୟ ରହିଛି । ପ୍ରତ୍ୟେକର ନାମ ସେ ଶୁଦ୍ଧଭାବରେ ଲେଖିଛନ୍ତି । ଜୀବନାନନ୍ଦଙ୍କର କବିତାରେ "ସୁନ୍ଦର" କିମ୍ବା "ଲାବଣ୍ୟ" ସଚେତନତା ନାହିଁ । ସେ ସମ୍ପର୍କରେ, ତାଙ୍କର କିଛି ନିଜସ୍ୱ ପରିସଂଜ୍ଞା ଗଠନ ନାହିଁ ।

"ଛେପ, ରକ୍ତ, ମଳରୁ ଉଠି
ମାଛି ଉଡ଼ିଯାଏ ସୂର୍ଯ୍ୟ କିରଣକୁ,
ସୁନେଲି ସୂର୍ଯ୍ୟ କିରଣରେ ପୋକମାନଙ୍କର
ଡେଣା ଚକ ଚକ୍ କରେ ।"

"ଅସୁନ୍ଦର" ମଧ୍ୟ ତାଙ୍କ କବିତାରେ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ଓ ସୌନ୍ଦର୍ଯ୍ୟ ବହନ କରେ । ଯେପରିକି-କୁଷ୍ଠରୋଗୀ ହାଇଡ୍ରାଣ୍ଟର ପାର୍ଶ୍ୱପାଇପରୁ ପାଣି ଟିକିଏ ଚାଟିଦେଉଛି; ମହାମାରୀ ଗ୍ରସ୍ତ ମୂଷା ମଲା ବେଳକୁ ତା' ମୁହଁରୁ ରକ୍ତମିଶା ଫେଣ ବାହାରି ପଡ଼ୁଛି; ମଶା ମଶାରି ଭିତରେ ପଶିବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି, ମଟର ଗାଡ଼ିର କାହିଁରୁ ଧୂଆଁ ନିର୍ଗତ ହେଉଛି ଇତ୍ୟାଦି । ତାହା ସଙ୍ଗେ ସଙ୍ଗେ ମଧ୍ୟ ସେ ଲେଖିଛନ୍ତି, ସୁନ୍ଦରୀ ତରୁଣୀ ଧୂପଚୂର୍ଣ୍ଣର ଗନ୍ଧରେ ମିଶିଯାଇଛି, ହଂସ ପାଣିରେ ଭାସୁଛି, କୋକିଶିଅଳୀ ବୁଦା ଭିତରୁ ବାହାରିଆସୁଛି ଜହ୍ନ ଆଲୁଅକୁ ।

Indian ... 117766

କବିତା କେବଳ ହୃଦୟକୁ ଛୁଏଁ ନାହିଁ—ମସ୍ତିଷ୍କକୁ ମଧ୍ୟ ଛୁଏଁ । କବିତାର ଶକ୍ତି ଉତ୍ତ୍ସାରିତ ହୁଏ ଦେଶ ଓ କାଳ ନିର୍ବିଶେଷରେ ଇତସ୍ତତଃ ବିପର୍ଯ୍ୟସ୍ତ ବସ୍ତୁମାନଙ୍କର ଆହ୍ଲାଦକର ସଂପର୍କ ସ୍ଥାପନରୁ ଏହିପରି ମାନସ-ବିହାରର ଏକ ଦୃଷ୍ଟାନ୍ତ 'ବନଲତା ସେନ'—

"ସମସ୍ତ ଦିନର ଶେଷେ ଶିଶିରର ଶବ୍ଦ ପରି
ସନ୍ଧ୍ୟା ଆସେ, ଡ଼େଣାରୁ ଖରାର ଗନ୍ଧ ପୋଛିଦିଏ ଚିଲ୍"

ଯାର ସନ୍ଧାରକର ଓ ନିଉମ୍ୟାନ ଆଛିଲି ଓ ମାର୍କସ୍‌ଙ୍କର ସହଯାତ୍ରୀ ହୁଅନ୍ତି ନାଗାର୍ଜ୍ଜୁନ କିଂବା ସଂଘମିତ୍ରା ଟାଇମ୍‌ସ ଅଫ ଇଣ୍ଡିଆ ସଂବାଦପତ୍ର ସହିତ, ଏବଂ ମଧ୍ୟ ଏସିଆର ଲୁଚ୍ଛ୍ଭୂମି ବଙ୍ଗଳାର ମଫସଲ ଗାଆଁ-ପୋଖରୀ ସହିତ ଏକାଠି ହୁଅନ୍ତି ତାଙ୍କର କବିତାର ମାଧ୍ୟମରେ । ନିର୍ଦ୍ଦିଷ୍ଟ କଳ୍ପନା ଓ ଅର୍ଥ ବହନ କରି ବହୁନାମ ତାଙ୍କ କବିତାରେ ଦେଖିବାକୁ ମିଳେ, ଅନୁପମ ତ୍ରିବେଦୀ, ମୃଣାଳିନୀ ଘୋଷାଲ, ସୁଚେତନା, ଅରୁଣିମା, ସାନ୍ୟାଲ, ସୁରଞ୍ଜନା ମୁସ୍ତାଫି, ଲେକେନ୍ ଏୟାର୍ ଓ ନାଟୋରର ବନଲତା ସେନ (ଯାହାଙ୍କୁ ନେଇ ସେ ବହୁ ପ୍ରଶ୍ନର ଶରବ୍ୟ ହୋଇଥିଲେ) ।

ଯଦି ପଚରାଯାଏ ଯେ, ଜୀବନାନନ୍ଦଙ୍କର କବିତା କଣ ପଳାୟନପନ୍ଥୀ, ଉତ୍ତର ହେବ – ନାଁ । କିଏ କହିବ ତାଙ୍କୁ ପଳାୟନପନ୍ଥୀ, ଯେ ଲେଖିଛି—

"କେଉଁଠାରେ ଡ଼େଣାର କମ୍ପନ –
କେଉଁ ଦିଗରୁ ସମୁଦ୍ରର ସଙ୍ଗୀତ,
ସୂର୍ଯ୍ୟୋଦୟ ଆମକୁ ଅପେକ୍ଷା କରେ
କେଉଁଠାରେ-ହେଲେ ।"

ଜୀବନାନନ୍ଦ ବାରଂବାର ମଣିଷର ବିପତ୍ତିର ହିସାବ କରିଛନ୍ତି । ଦୁଃଖ କରିଛନ୍ତି, କିନ୍ତୁ ମଣିଷର ଉଜ୍ଜ୍ୱଳ ଭବିଷ୍ୟତ୍ ସଂପର୍କରେ ସେ ନିଃସନ୍ଦେହ ।

ଅନ୍ଧକାର ଦୂର କରିବାକୁ ବାହାରି ଆମେ ନିଜେ କଣ ଅନ୍ଧକାର ଭିତରେ ଆସ୍ତମରେ ରହିଯାଉଛୁଁ ? ଆମେ ଅନ୍ଧାରକୁ ଦୂର କରିବାକୁ ଆସିଛୁଁ, ଦୂର କରିବୁଁ ।

"ମାଇଲ ମାଇଲ ପରେ ସମ୍ମୋହିତ ମାଇଲ୍ ମାଇଲ୍
ସମୁଦ୍ର ଉପରେ
ପକ୍ଷୀମାନେ ଉଡ଼ିଯାଆନ୍ତି ଜନ୍ମର ଉଠିବା ଆଗୁ, ଜନ୍ମକୁ ପାଶୋରି ।
ସେଇପରି ଉଡ଼ିଯିବା, ଆମେ ଉଡ଼ିଯିବା
ଆଲୋକ ପୂର୍ବରୁ ଏଇ ଆମର ମୁହୂର୍ତ୍ତି ।"

( ସୂର୍ଯ୍ୟପ୍ରତିମ )

ଏହାର ଅର୍ଥ ପରିଷ୍କାର ହୋଇଯାଏ ଯେତେବେଳେ ଆମେ ମନେ ପକାଉଁ ଯେ, ଜୀବନାନନ୍ଦଙ୍କ କବିତାରେ ପକ୍ଷୀର ଉଡ଼ିଯିବାର ଅର୍ଥ ହେଉଛି ଇତିହାସ ପ୍ରତି ସଚେତନଶୀଳତା ।

"ତଥାପି" ଶବ୍ଦଟି ଜୀବନାନନ୍ଦ ବାରଂବାର ବ୍ୟବହାର କରିଛନ୍ତି । ମଣିଷର ସ୍ୱାମ୍ନ୍ୟ ତକ ଦୁର୍ଗତଜନକ ଯନ୍ତ୍ରଣାବୋଧ ଓ ଚହିଁରୁ ମଣିଷ ଯେ ମୁକ୍ତ ପାଇବ ସେହି ବିଶ୍ୱାସ ମଧ୍ୟରେ ଏହି ଶବ୍ଦଟି ସେତୁ ସଦୃଶ । ତାଙ୍କର ପ୍ରଥମ କବିତାଗୁଡ଼ିକରେ ଯନ୍ତ୍ରଣାବୋଧ ଏତେ ବେଶି ଯେ, ତାହା ଅସହ୍ୟ ହୋଇ ପଡ଼ିଛି । ତେଣୁ ମଣିଷର ଆତ୍ମା ଯେଉଁଠୁ ଆସିଥିଲା ସେଠାକୁ ଫେରିଯିବା ପାଇଁ, ଅର୍ଥାତ୍ ମୃତ୍ୟୁକୁ ବରଣ କରି ଅନ୍ଧାର ଗର୍ଭକୁ ଚାଲିଯିବା ପାଇଁ କାତର ହୋଇ ପଡ଼ିଛି । ଯନ୍ତ୍ରଣାର ବେଦନ ଅତି ଉଚ୍ଚ ସ୍ୱରର ଓ ବାଧାହୀନ ଏବଂ ମୃତ୍ୟୁ ଇଚ୍ଛା ନିଃସଙ୍କୋଚ ଭାବରେ ସ୍ପଷ୍ଟ :—

"ସକାଳ ଆକାଶରେ ଲାଲ ସୂର୍ଯ୍ୟକୁ ମୁଁ ଦେଖିଛି
ସେ ଆଦେଶ ଦେଉଛି, ଛିଡ଼ା ହୁଅ
ଦୁନିଆର ମୁକାବିଲା କର;
ପରିଣାମରେ ମୋ ଅନ୍ତରରେ
ଭରିଯାଇଛି ଦୁଃଖ, ଘୃଣା ଓ ଅନ୍ଧ କ୍ରୋଧ ।
ସେହି ସୂର୍ଯ୍ୟର ଆକ୍ରମଣରେ
ପୃଥିବୀ ଆର୍ତ୍ତରବ ଛାଡ଼ୁଛି
କଣ୍ଟକ-ବିଦ୍ଧ କୋଟି କୋଟି ଶୂକର ପରି;
ଆଃ, କି ମଜ୍ଜା !
ମୁଁ ପ୍ରୟାସ କରିଛି ସେ ସୂର୍ଯ୍ୟକୁ ଡୁବାଇ ଦେବାକୁ—
ମୋ ହୃଦୟର ରୁଦ୍ଧ ଅନ୍ଧାର ଭିତରେ;
ଆଉ ତା'ପରେ ପୁଣି ଥରେ ଶୋଇଯିବା ପାଇଁ;
ନିଜକୁ ଚିରକାଳ ପାଇଁ ଅନ୍ଧାରର ଯୌନ ଗହ୍ୱରରେ
ବୁଡ଼ାଇ ରଖିବାକୁ;
ତାହା ସହିତ ମିଶିଯିବାକୁ, ଠିକ୍ ମୃତ୍ୟୁ ପରି ।
ମୋ' ଆତ୍ମା ଏହି ଅସରନ୍ତି କୃଷ୍ଣ ନିଦ୍ରାପାଇଁ ଆତୁର ;
ମୋତେ କାହିଁକି ଉଠାଉଛ ?

( ଅନ୍ଧକାର )

ସେହିପରି ତାଙ୍କର ଆଉ ଗୋଟିଏ ପ୍ରିୟ ଶବ୍ଦ "କେତେବେଳେ" ଏହାର ଅର୍ଥ, କେଉଁ ଏକ ସମୟରେ, କେତେକ ପରିଶ୍ରାନ୍ତି ପରେ ମଣିଷ ଏ ଯନ୍ତ୍ରଣାରୁ ମୁକ୍ତ ପାଇବ । ସେ ପରିଶ୍ରାନ୍ତି କଅଣ ତାହା ସେ ବୁଝାଇ ନାହାନ୍ତି । କିନ୍ତୁ ପୂର୍ବାପର ସଙ୍ଗତିରୁ ମନେହୁଏ । ତାହା ବୋଧହୁଏ ସାଧୁତାର; ଆତ୍ମମୁଖ୍ୟ ଉପେକ୍ଷ ଓ ଉପାୟର ପବିତ୍ରତା । ସୌଭାଗ୍ୟବଶତଃ ମଣିଷର ଆତ୍ମା ନାମକ ଏକ ବସ୍ତୁ ଅଛି, ଓ ସେଥିପାଇଁ ସେ ମୁକ୍ତ ଅର୍ଜନ କରିବ—

"ଯୁଗ ଯୁଗ ମଣିଷ ନିଜର ସ୍କନ୍ଧରେ ବହନ କରିଛି
ନିଜର ଶବକୁ
ନିଜର ଭାଇ ଭଉଣୀଙ୍କୁ ମାରି
ସେମାନଙ୍କର ରକ୍ତ ଦେଖି
ତାର ଆତ୍ମାର ଦୁର୍ଗନ୍ଧ
ନିବେଦନ କରିଛି ତାରକୁ, ଆକାଶକୁ, ପ୍ରେମକୁ
ଜ୍ଞାନଶକ୍ତି ଜାଗ୍ରତ କରାଇବା ପାଇଁ.
ଏବଂ ଅନୁରୋଧ କରିଛି ସେମାନଙ୍କୁ
ତା' ଦେହରେ ଶୁଖିଯାଇଥିବା ସେ ରକ୍ତକୁ
ଧୋଇଦେବା ପାଇଁ;
ସେ କଣ ଏ ନିବେଦନ କରିଥାନ୍ତା
ଯଦି ତା'ର ଆତ୍ମା ନ ଥାନ୍ତା ?

( ଆନନ୍ଦ )

ପ୍ରକୃତରେ ଏହି କବିତାରେ ସେ "ହୃଦୟ" ଶବ୍ଦ ବ୍ୟବହାର କରିଛନ୍ତି, "ଆତ୍ମା" ନୁହେଁ । କିନ୍ତୁ ଏହି ପରିପ୍ରେକ୍ଷିରେ ଆତ୍ମା ଓ ହୃଦୟ ଦୁହିଁଙ୍କର ଅର୍ଥ ସମାନ ।

ଜୀବନାନନ୍ଦ ଏଇଠି ଟାଗୋରଙ୍କର ନିକଟତର ହୋଇଯାଇଥିବାର ପ୍ରତୀତ ହୁଏ । କିନ୍ତୁ ଜୀବନାନନ୍ଦଙ୍କର ଭାଷା ପୃଥକ୍ । ଉଦାହରଣ ସ୍ୱରୂପ ଟାଗୋରଙ୍କର ପ୍ରାନ୍ତିକ ପୁସ୍ତକର "ନାଗିଣୀର ଚାରିଦିଗେ ଫେଲୁଅଛି ବିଷାକ୍ତ ନିଃଶ୍ୱାସ" ସହିତ ଜୀବନାନନ୍ଦଙ୍କର "ଅଦ୍ଭୁତ ଅନ୍ଧାର ଏକ" ( ଶୀ·୨୭ ) ତୁଳନା କରାଯାଇପାରେ । ଟାଗୋର ଦୁହିଁଙ୍କ ଭିତରେ ବେଶୀ ବିପ୍ଳବୀ । କିନ୍ତୁ ଯେଉଁ ମୂଲ୍ୟବୋଧର ଅବସାନ ହେତୁ ଦୁହେଁ ବ୍ୟସ୍ତ, ବିକଳ, ତାହା ମୌଳିକ ଭାବରେ ସମାନ । ଜୀବନାନନ୍ଦଙ୍କର "ଯାତ୍ରୀ" ( ଶୀ·୨୦ ) କବିତାରେ ଏହି ସାମଞ୍ଜସ୍ୟ ଆହୁରି ପ୍ରାଞ୍ଜଳ ଭାବରେ ଜଣାପଡ଼େ । ତାହାହେଲା ଚିରନ୍ତନ ଆତ୍ମା ଉପରେ ବିଶ୍ୱାସ । ପୃଥିବୀରେ ସେହି ଆତ୍ମାର କିଛିଦିନ ବସବାସ ଏବଂ ତାହାର ଅନ୍ତହୀନ ଯାତ୍ରା । ଏହି ବିଷୟବସ୍ତୁ ଟାଗୋରଙ୍କର ବହୁ କବିତାରେ ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇଛି । ଗୋଟିଏ ଉଦାହରଣ ନିଆଯାଇପରେ—

"ରୋଗଦୁଃଖ ରଜନୀର ନୀରନ୍ଧ୍ର ଅନ୍ଧାରେ
ଯେ ଆଲୋକ ବିନ୍ଦୁଟିକୁ କ୍ଷଣେ କ୍ଷଣେ ଦେଖେଁ
ମନେ ଭାବେ କଣ ତା' ନିର୍ଦ୍ଦେଶ ।
ପଥର ପଥିକ ଯଥା ଝରକାର ରନ୍ଧ୍ର ଦେଇ
ଜ୍ୟୋତିର୍ଲୋକର ପାଏ ଏକଟୁଟିକେ ଖଣ୍ଡିତ ଆଭାସ
ସେହିପରି ଯେଉଁ ରଶ୍ମି ଅନ୍ତରେ ମୋ' ଆସେ

ଏବଂ ସେ ଜଣାଇ—

ଏଇ ଘନ ଆବରଣ ଉଠିଗଲେ,
ଅବିଚ୍ଛେଦେ ଦେଖା ଦେବ
ଦେଶହୀନ କାଳହୀନ ଆଦି-ଜ୍ୟୋତି,
ଶାଶ୍ୱତ ପ୍ରକାଶ ପାରାବାର,
ସୂର୍ଯ୍ୟ ଯହିଁ କରେ ସନ୍ଧ୍ୟା-ସ୍ନାନ
ଯେଉଁଠୁ ନକ୍ଷତ୍ର ଯେତେ ମହାକାଶ ବୁଦ୍‌ବୁଦ ସମାନ
ଉଠୁଅଛି, ଫାଟୁଅଛି—
ସେଠାରେ ଜଣାନ୍ତେ ଯାତ୍ରୀ ମୁହିଁ
ଚୈତନ୍ୟ-ସାଗର-ତୀର୍ଥ ପଥେ ।"

—ରବୀନ୍ଦ୍ରନାଥ ଠାକୁର, କବିତା ସଂଖ୍ୟା ୨୦ ।
"ଶେଷଶଯ୍ୟାରେ" ।

ଜୀବନାନନ୍ଦଙ୍କର ପ୍ରଥମ ଜୀବନରେ ବ୍ରାହ୍ମଧର୍ମ ଓ ତହିଁରେ ଉପନିଷଦର ପୁନର୍ବିଚାର ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ଏହି ବିଶ୍ୱାସ ଟାଗୋର ମଧ୍ୟ ଆହୁରି ଦୃଢ଼ୀଭୂତ କରିଥିଲେ । ତେଣୁ ତାହାଙ୍କର ପରବର୍ତ୍ତୀ ଲେଖାମାନଙ୍କରେ ଏହି ବିଶ୍ୱାସ ବାରଂବାର ଦେଖିବାକୁ ମିଳେ । ଟାଗୋର୍, ଦାନ୍ତେ ଓ ଅନ୍ୟ ବହୁ କବିଙ୍କ ପରି ଜୀବନାନନ୍ଦ ନାରୀର ଆତ୍ମାକୁ ମୁକ୍ତିର ରୂପକଳ୍ପ ରୂପେ ଗ୍ରହଣ କରିଥିଲେ । ବୋଧହୁଏ ଏହି ବିଶ୍ୱାସ ବୋଧ ପ୍ରଥମେ ଦେଖା ଦେଇଥିଲା । "ସୁଚେତନା" କବିତାରେ । ଅନେକ ଏହି କବିତାକୁ ଅସ୍ତିସୂଚକ କବିତାବଳୀର ପ୍ରଥମ କବିତା ବୋଲି ଗ୍ରହଣ କରନ୍ତି । ପରବର୍ତ୍ତୀ ସମୟରେ ନାରୀର ଆତ୍ମା ତାଙ୍କ ପାଇଁ ହୋଇଥିଲା ଏକ ଆଶ୍ରୟସ୍ଥଳୀ-ଯେଉଁଠାରୁ ବିସ୍ମୃତିର ଗହ୍ୱରରେ ଲୀନ ହୋଇଯିବା କିମ୍ବା ଯୌନ ଅନ୍ଧାର ଭିତରେ ମୃତ୍ୟୁବରଣ କରିବାର ଇଚ୍ଛା ଜାଗରୂକ କରିଥିଲା । କେବଳ ସେତିକି ନୁହେଁ, ନାରୀର ଆତ୍ମାକୁ ସେ ଏକ ଉତ୍ସର୍ଗୀକୃତ ଜୀବନର ଅନାବିଲ ରୂପକଳ୍ପ ଓ ପବିତ୍ରତାର ଏକ ମୁଗ୍‌ଧ କଳ୍ପନା ରୂପେ ଗ୍ରହଣ କରିଥିଲେ ।

ଜୀବନାନନ୍ଦଙ୍କର କୈଶୋର କାଳର କବିତା ଟାଗୋରଙ୍କର ସେହିକାଳର କବିତା ପରି ବାଧା-ବନ୍ଧନ-ହୀନ । ତାଙ୍କର 'ଝରା ପାଲକ" ପୁସ୍ତକର ଅଧିକାଂଶ କବିତା ଓ 'ଧୂସର ପାଣ୍ଡୁଲିପି' ପୁସ୍ତକର କେତେକ କବିତାରେ ଟାଗୋରଙ୍କର 'ନିର୍ଝରର ସ୍ୱପ୍ନଭଙ୍ଗ' ସହିତ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଜୀବନାନନ୍ଦଙ୍କର କବିତା ସହିତ ତାଙ୍କର ସମସାମୟିକ କବି ସୁଧୀନ୍ଦ୍ରନାଥ ଦତ୍ତ, ବିଷ୍ଣୁ ଦେ କିମ୍ବା ଅମିୟ ଚକ୍ରବର୍ତ୍ତୀଙ୍କ କବିତାକୁ କିଂବା

କିଛି ପରେ କବିତା ରାଜ୍ୟରେ ପଦାର୍ପଣ କରିଥିବା ସମର ସେନଙ୍କ କବିତାକୁ ତୁଳନା କଲେ ଏହା ଆହୁରି ସ୍ପଷ୍ଟ ଭାବରେ ଲକ୍ଷ୍ୟ କରାଯାଏ । ଏହି ତୁଳନାରୁ ଜଣାପଡ଼େ ଯେ, ଶେଷୋକ୍ତ କବିମାନଙ୍କର କବିତା ତାଙ୍କଠାରୁ ବେଶି ସଂଯତ, ଆତ୍ମସଚେତନ, ନିରୁତ୍ତାପ ଓ ବୁଦ୍ଧିଦୀପ୍ତ । ରବୀନ୍ଦ୍ରନାଥଙ୍କ ପରି ଜୀବନାନନ୍ଦଙ୍କର ସେହି ସମୟର କବିତାଗୁଡ଼ିକ ବେଶିମାତ୍ରାରେ ଭାବବ୍ୟଞ୍ଜକ ଓ ଶକ୍ତିଶାଳୀ । କିନ୍ତୁ ଅଙ୍ଗ ଓ ଆତ୍ମା ଉଭୟର କୌଣସି ନିର୍ଦ୍ଦିଷ୍ଟ ରୂପ ଏହି କବିତାମାନଙ୍କରେ ଦେଖିବାକୁ ମିଳେ ନାହିଁ । କୌଣସି ଅନିର୍ଦ୍ଦିଷ୍ଟ ବସ୍ତୁ କିମ୍ବା ସମୟ ପ୍ରତି ଅସ୍ପଷ୍ଟ ଆକାଂକ୍ଷା ଦୁହିଙ୍କର ଏହି କୈଶୋର ସମୟର କବିତାରେ ଦେଖିବାକୁ ମିଳେ । କିନ୍ତୁ ମଧ୍ୟବୟସରେ ଦୁହିଙ୍କର ଜୀବନ ଦର୍ଶନ ଦାନା ବାନ୍ଧିଛି ଏବଂ ସନ୍ଦେହର ବିଭିନ୍ନ ପର୍ଯ୍ୟାୟ ଭିତରେ ଗତି କରି ଢ଼େରରେ ତାହା ସଂଯତ ହୋଇ ବିଶ୍ୱାସର ଗାମ୍ଭୀର୍ଯ୍ୟରେ ଭୂଷିତ ହୋଇଛି ।

କିନ୍ତୁ କେବଳ ନିଜର ବହୁମୁଖୀ ପ୍ରତିଭାର ସମଷ୍ଟି ବଳରେ ଟାଗୋର ତାଙ୍କର ଉତ୍ତର ସୂରୀମାନଙ୍କର ରୁଚି ଦେଶରେ ପହଞ୍ଚି ପାରି ନ ଥିଲେ । କବି ହିସାବରେ ଜୀବନାନନ୍ଦଙ୍କର ଭାବୋଦ୍ଦୀପକ ଶକ୍ତିରେ ଟାଗୋରଙ୍କର ଦାର୍ଶନିକ ଅବବୋଧର ଅଭାବ ପରିଲକ୍ଷିତ ହୁଏ । ତାଙ୍କର ଆଧ୍ୟାତ୍ମିକ ଜିଜ୍ଞାସା ବହୁମୁଖୀ କିଂବା ସୁବ୍ୟବସ୍ଥିତ ନ ଥିଲା । ତାଙ୍କର ବୌଦ୍ଧିକ ଶକ୍ତି ଅପେକ୍ଷା ହୃଦୟର ଆବେଗ ବେଶି ଶକ୍ତିଶାଳୀ ଥିଲା । ତାଙ୍କର ବ୍ୟକ୍ତିତ୍ୱର ଅନ୍ତର୍ମୁଖିତା ତାଙ୍କୁ ଯେତିକି ଶକ୍ତିଶାଳୀ କରିଥିଲା, ସେତିକି ଦୁର୍ବଳ ମଧ୍ୟ କରିଦେଇଥିଲା । ଶେଲିଙ୍କର "ode to the west wind" କବିତାରେ ଭାବୋଚ୍ଛ୍ୱାସ ଅତି ଶକ୍ତିଶାଳୀ । କିନ୍ତୁ କବିତାଟିର ଉପଜୀବ୍ୟ ବସ୍ତୁ କବିଙ୍କର ବ୍ୟକ୍ତିତ୍ୱର ବାହାରେ ଘଟିଥିବା ଏକ ବସ୍ତୁ । ତାହାର ଅବସ୍ଥିତି କବିଙ୍କ ଉପରେ ନିର୍ଭର କରେ ନାହିଁ ।କିନ୍ତୁ ଜୀବନାନନ୍ଦଙ୍କର "ହାଓୟାର ରାତ୍ରି" (ଶୀ.୧୯) କବିତାଟି ପଢ଼ିଲେ ମନେ ହୁଏ କବିତାଟିର ବିଷୟ ବସ୍ତୁ ଅତି ନିବିଡ଼ ଭାବରେ ନିଜ ଭିତରେ ପରିବୃତ । ଜୀବନାନନ୍ଦ ଶେଲିଙ୍କ "Feeling of a Republican on the fall of Bonaparte" ( ବୋନାପାର୍ଟିଙ୍କ ପତନ ପରେ ରିପବ୍ଲିକାନ୍‌ମାନଙ୍କର ମନ କଥା ) କିମ୍ବା ରବୀନ୍ଦ୍ରନାଥଙ୍କ "ଅଫ୍ରିକା" ପରି କବିତା ଲେଖି ନ ଥାନ୍ତେ । "ଜୁହୁ" କିମ୍ବା "ଅନୁପମ ତ୍ରିବେଦୀ" ପରି ତାଙ୍କର ବ୍ୟଙ୍ଗ କବିତାଗୁଡ଼ିକ ସମସାମୟିକ ବ୍ୟକ୍ତିମାନଙ୍କ ପ୍ରତି କଟାକ୍ଷ । ସେହି ବ୍ୟକ୍ତିମାନଙ୍କ ସହିତ ସେ ଜଡିତ ହୋଇ ନ ଥିଲେ । ତାଙ୍କୁ କୁହାଯାଇଛି "ନିଃସଙ୍ଗତାର କବି" କିମ୍ବା "କବିଙ୍କର କବି" ଅଥବା "ଯୁଗ କବି" । କିନ୍ତୁ କୌଣସି ରାଜନୀତିକ କିମ୍ବା ସାମାଜିକ ଗୋଷ୍ଠୀ ତାଙ୍କୁ ତାଙ୍କ ମତର କବି ବୋଲି ଦାବୀ କରି ନାହାନ୍ତି । ତାଙ୍କ ଭିତରେ ତତ୍କାଳୀନ କୌଣସି ଘଟଣା ସହିତ ସମ୍ପର୍କର ସନ୍ଧାନ ମିଳେ ନାହିଁ, ଯାହା ଟାଗୋରଙ୍କର ଲେଖାରେ ଉପଲବ୍ଧ । ଆମ ସମୟର ମଣିଷର ଅବସ୍ଥା ( ଏପରିକି

ଐତିହାସିକ ଯୁଗର ମଣିଷର ଅବସ୍ଥା) ତାଙ୍କୁ ଅଭିଭୂତ କରିଥିଲା । କିନ୍ତୁ ସେ ଅନୁଭବ ଅତି ପ୍ରଚ୍ଛନ୍ନ । କୌଣସି ସମସାମୟିକ ଘଟନା ପ୍ରତି ତାଙ୍କର କୌଣସି ପ୍ରତିକ୍ରିୟା ନ ଥିଲା । ଏତେ ସ୍ପର୍ଶ କାତର ମନ ଭିତରେ ତାଙ୍କର ଏପରି ସଂଯମ ଓ ଉଦାସୀନତା ଦେଖିଲେ ସତରେ ଆଶ୍ଚର୍ଯ୍ୟ ଲାଗେ ।

ଅସ୍ତିତ୍ୱକୁ ଗ୍ରହଣ କରି ନେବାରେ ସେ ଟାଗୋରଙ୍କ ସହିତ ସମାନ । ମଣିଷର ସ୍ୱର୍ଗୀୟ ସମ୍ପର୍କରେ ବିଶ୍ୱବ୍ରହ୍ମାଣ୍ଡୀୟ ପରିକଳ୍ପନା ଟାଗୋରଙ୍କର ଥିଲା । କିନ୍ତୁ ତାଙ୍କ ଯୁଗର ଅବସାନ ପରେ, ନିଷ୍ଠୁର ବାସ୍ତବତା, ଗତିଶୀଳ ଦୁନିଆର ନିତ୍ୟ ନୂତନ ଘଟନା, ଚରିତ୍ରମାନଙ୍କ ମଧ୍ୟରେ ବ୍ୟବଧାନ ହ୍ରାସ ପ୍ରଭୃତି ବହୁ କାରଣରୁ, ନୂତନ ଯୁଗର କବିମାନେ ସେହି ପ୍ରକାରର ବିଶ୍ୱବ୍ରହ୍ମାଣ୍ଡୀୟ ପରିକଳ୍ପନାରୁ ଦୂରେଇଗଲେ । ମାତ୍ର ଜୀବନାନନ୍ଦ ଏହାର ଅନ୍ତର୍ମୁଖୀ ହୋଇ କ୍ଷୁଦ୍ର ଜଗତ ଭିତରେ ସୀମାବଦ୍ଧ ରହିଗଲେ ନାହିଁ ।

ଆତ୍ମାର ଅବିନଶ୍ୱରତା ଉପରେ ବିଶ୍ୱାସ ଟାଗୋରଙ୍କ କବିତାର ମୂଳମନ୍ତ୍ର ଥିଲା । ସେହି ବିଶ୍ୱାସ ତାଙ୍କ ସମୟର ସମସ୍ତ ପ୍ରଗତିଶୀଳ ଚିନ୍ତାଧାରାକୁ ପ୍ରଭାବିତ କରିଥିଲା । କିନ୍ତୁ ଜୀବନାନନ୍ଦଙ୍କର କବିତାର ମୂଳ ପିଣ୍ଡ ହେଲା ହତାଶା । ଜୀବନକୁ ଠିକ୍‌ଭାବେ ଦେଖିବାରେ ସେ ପାରଦର୍ଶୀ । ସାମ୍ପ୍ରତିକ ମୂଲ୍ୟବୋଧ ପ୍ରତି ସେ ଅସନ୍ତୁଷ୍ଟ । ସେ ଅସନ୍ତୋଷ ଏକାନ୍ତ ବ୍ୟକ୍ତିଗତ ଓ ତୀକ୍ଷ୍ଣ । କିନ୍ତୁ ଯେତେବେଳେ ସେ "ଯାତ୍ରୀ" ପରି ଅସ୍ତିବାଚକ କବିତା ଲେଖିଛନ୍ତି ତାଙ୍କର ମତ ସତେ ଯେପରି ଅନ୍ୟ କାହାଠୁ ଆହରଣ କରିଛନ୍ତି ; ନିଜର ବ୍ୟକ୍ତିଗତ ଅଭିଜ୍ଞତା ସହିତ ସେ ମତ ସମନ୍ୱିତ ହୋଇପାରି ନାହିଁ । ଅନ୍ୟ କବିମାନଙ୍କର ସେହି କିସମର ଅସ୍ତିବାଚକ କବିତା ତାତ୍କାଳିକ ସାମାଜିକ-ରାଜନୈତିକ ଦର୍ଶନର ପ୍ରତିଧ୍ୱନି ପରି ଜଣାଏ । ଜୀବନାନନ୍ଦଙ୍କର କବିତାରେ ଏପରି କୌଣସି ଦର୍ଶନର ପ୍ରଭାବ ନ ଥିଲେ ମଧ୍ୟ ଏହି କିସମର କବିତାଗୁଡ଼ିକ ଅତି ଦୁର୍ବଳ— ସେଥିରେ କୌଣସି ନିର୍ଦ୍ଦିଷ୍ଟ କିମ୍ବା ବ୍ୟକ୍ତିଗତ ବାର୍ତ୍ତା ନାହିଁ । ଏପରିକି "ଯାତ୍ରୀ" କିମ୍ବା "ଦୁଇଦିଗେ" ପରି କବିତାମାନଙ୍କରେ ରୂପକଳ୍ପଗୁଡ଼ିକ ତାଙ୍କର ବ୍ୟକ୍ତିତ୍ୱର ସ୍ୱାକ୍ଷର ବହନ କରି ନାହିଁ । ଏବଂ ଭାଷା ଓ ଶବ୍ଦ ବିନ୍ୟାସ ଅନେକ ସମୟରେ ଟାଗୋରଙ୍କ ଭାଷା ଓ ଶବ୍ଦ ବିନ୍ୟାସ ପରି ମନେହୁଏ ।

ଜୀବନାନନ୍ଦଙ୍କର ଏହି ପ୍ରକାର କବିତା ଟାଗୋର ଓ ବ୍ରାହ୍ମସମାଜର ଦର୍ଶନ ଉପରେ ପର୍ଯ୍ୟବସିତ । ଟାଗୋର ଯେତେବେଳେ ବୃଦ୍ଧହୋଇ, ଉପନିଷଦର ଶ୍ଳୋକରେ ନିଷ୍ଫଳତା ହୃଦୟଙ୍ଗମ କରି ଲେଖିଲେ, "ନାଗିଣୀର ଗୁଡ଼ିଦିଗେ ପଡ଼ୁଅଛି ବିଷାକ୍ତ ନିଃଶ୍ୱାସ, ଶାନ୍ତିର ଲଳିତ ବାଣୀ ଶୁଣାଇବ—ବ୍ୟର୍ଥ ପରିହାସ" ଏବଂ ସମସ୍ତଙ୍କୁ ଆହ୍ୱାନ କଲେ "ଦାନବ ସହିତ ଲଢ଼ିବା" ପାଇଁ, ତା'ର ଅନେକ ପରେ । ଜୀବନାନନ୍ଦ ଟାଗୋରଙ୍କ ମୂଲ୍ୟବୋଧକୁ ଅନ୍ୱେଷଣ କରିଥିଲେ । ଜୀବନାନନ୍ଦଙ୍କର ଏହି ଅନ୍ୱେଷଣ

ଆସି ପହଞ୍ଚିଲା ଟାଗୋରଙ୍କର ସେହି ପୁରାତନ ମୂଲ୍ୟବୋଧଠାରେ । ତାଙ୍କର "ଶ୍ରେଷ୍ଠ କବିତା"ର ଶେଷ କବିତା "ଦୁଇଦଶେ"ର ସମାପ୍ତି ଭାଗରେ ଆମେ ଦେଖୁଁ—

"ପୃଥିବୀର ଭୟାବହ କୋଳାହଳ ଭେଦକରି ଅବିନାଶ ସ୍ୱର
ଆଲୋକ ଓ ଆନନ୍ଦରେ ଆଚ୍ଛନ୍ନ କରୁଣାର
ଅନ୍ତହୀନ ବିସ୍ତୃତିରେ ମର୍ମରିତ" । (ଦୁଇ ଦଶେ)

କେହି ଗ୍ରହଣ କରିପାରନ୍ତି ଯେ, ସେ ସ୍ୱାଧୀନତା-ପରବର୍ତ୍ତୀ ଭାରତ ବର୍ଷର ରୁକ୍ଷ ପରିବେଶରେ ଟାଗୋର-କାଳୀନ ମୂଲ୍ୟବୋଧର ପୀଡ଼ାଦାୟକ ବିଫଳତାର ଏକ ପ୍ରତୀକ । ଯେଉଁ ଡ଼ବ୍ଲ୍ୟୁ. ବି. "ୟିକ୍ସଙ୍କୁ ସେ ଶ୍ରଦ୍ଧା କରୁଥିଲେ, ତାଙ୍କର ପରି ସେ ଶୋକ କରିଛନ୍ତି:-

ମାଲ ଜିନିଷ ଭ କାଲ ଆଜି ଶିଥିଲ,
ସବୁଆଡ଼େ ନିସ୍ପୃହତାର ସମ୍ଭାର ମନ୍ତ୍ରମାନ;
ସର୍ବୋତ୍ତମର ଆତ୍ମ ବିଶ୍ୱାସ ନାହିଁ ଅଥଚ
ସର୍ବାଧମ ଭିତରେ ପ୍ରବଳ ଆତ୍ମବିକ୍ରମ ।"

ଜୀବନାନନ୍ଦଙ୍କୁ ଅବଶ୍ୟ ପଳାୟନପନ୍ଥୀ ବୋଲି କହି ଉଡ଼େଇ ଦେବା କିମ୍ବା ମାନବଜାତି ପ୍ରତି ତାଙ୍କର ମାର୍ମିକ ସଂବେଦନକୁ ଅତିରଞ୍ଜନ ବୋଲି କହିବା ଠିକ୍ ହେବ ନାହିଁ । କିନ୍ତୁ ଏହା ସତ୍ୟ ଯେ, ତାଙ୍କର କବିତାର ଶକ୍ତି ନିହିତ ଥିଲା ଯନ୍ତ୍ରଣାର ଚମତ୍କାରରେ, ଶିଳ୍ପର ମମତ୍ୱବୋଧରେ ଓ ସମକାଳୀନ ବ୍ୟକ୍ତିଗତ ସୌନ୍ଦର୍ଯ୍ୟ ପିପାସାରେ । ସ୍ଥୂଳତଃ ଆତ୍ମକେନ୍ଦ୍ରିକତା ବ୍ୟତୀତ ସମସାମୟିକ ସମାଜ ପ୍ରତି ତାଙ୍କର ନିର୍ଦ୍ଦିଷ୍ଟ ବାର୍ତ୍ତା ନାହିଁ । ଯାହାଅଛି ତାହା ଅତି ସାଧାରଣ ।

କିନ୍ତୁ ଯେଉଁ ଶକ୍ତିରେ ସେ ଶକ୍ତିଶାଳୀ, ସେହି ଶକ୍ତି ଅନ୍ୟ କବିମାନଙ୍କର ଶକ୍ତିର ସୀମା-ବହିର୍ଭୂତ । ତେଣୁ ତାଙ୍କର ଦର୍ଶନ କ୍ଷେତ୍ରରେ ଯାହା ଦୁର୍ବଳତା ତାହା ଭୁଲିଯାଇ ହୁଏ । ତାଙ୍କର "ସ୍ୱପ୍ନ" କବିତାରେ ଯେଉଁ ଅସୀମ ସ୍ୱାଦୁ ଓ ଅନ୍ତର୍ମୁଖିତା, "ଲଘୁ-ମୂହୂର୍ତ୍ତି" ରେ ଯେଉଁ ଜ୍ୱାଳାମୟୀ ବ୍ୟଙ୍ଗ, "ଅନୁପମ ତ୍ରିବେଦୀ"ରେ ନିଜର ଚିନ୍ତାକୁ ସଜାଡ଼ି ବର୍ଣ୍ଣନା କରିବାର ଅଦ୍ଭୁତଶକ୍ତି, "ସମାରୂଢ଼" କବିତାରେ ବ୍ୟଙ୍ଗ "ହାୟ ଚିଲ" କବିତାରେ ଯୌବନୋନ୍ମୁଖ ପବିତ୍ରତା ଓ ନିସ୍ପୃହତା, "ବିଡାଶୀ ଗ୍ରନ୍ଥି"ରେ କଳ୍ପନାର ମୁକ୍ତ କ୍ରୀଡ଼ା, "ବନଲତା ସେନ" ରେ ସଂଯତ ଭାବାବେଗ, "ଅଦ୍ଭୁତ ଅନ୍ଧାର ଏକ" କବିତାରେ ଉଗ୍ର ଆବେଗ, "ବିବଡ଼" କବିତାରେ ନମ୍ରତାର କଳ୍ପନା, "କମଳାଲେଂବୁ" କବିତାରେ ସାରଲ୍ୟ ଓ ଶିଳ୍ପରତା, "ସୂର୍ଯ୍ୟପ୍ରତିମ" କବିତାରେ ସର୍ବସାଧାରଣ ହେଲେ ମଧ୍ୟ ଅସ୍ତିବାଚକ ବାର୍ତ୍ତାର ଦୃଢ଼ତା ପରି କେତୋଟି ଅନନ୍ୟ ବିଭବ ତାଙ୍କର ଭାବ ଓ ବର୍ଣ୍ଣନାଚାତୁରୀର ଅସାଧାରଣ ଶିଳ୍ପରତାର ପ୍ରମାଣ

ହଏ । ଜୀବନାନନ୍ଦଙ୍କ ଭିତରେ ଆମେ ଦେଖୁଁ ଏକ ଇନ୍ଦ୍ରିୟଜ, ପଲ୍ଲୀବାସୀ ପ୍ରକୃତି-କବି । ଗ୍ରାମ୍ୟ ପରିବେଶ ସମ୍ପର୍କରେ ତାଙ୍କର ଜ୍ଞାନ ଓ ପର୍ଯ୍ୟବେକ୍ଷଣ ଶକ୍ତି ତୀକ୍ଷ୍ଣ । ଆଉ ମଧ୍ୟ ଦେଖୁଁ ଏକ ସହସ୍ର ଆଧୁନିକ ମନ ଯାହା ସବୁବେଳେ ସ୍ଥାନ, କାଳ ଓ ପାତ୍ରର ପ୍ରଶସ୍ତ ପରିସର ଭିତରେ ଇତସ୍ତତଃ ଦୋଳାୟମାନ; ଏପରି ଏକ ସାର୍ବଜନୀନ ଆତ୍ମା, ଯେଉଁ ଆତ୍ମା ନିଯୁତ ମଣିଷ ଜୀବନର ଭାଗ୍ୟ ସଂବନ୍ଧରେ ଉଦ୍‌ବିଗ୍ନ । ସେ ଏପରି ଏକ ଭାବୁକ ଯାହାର ଯୋଗ୍ୟତା ଅଛି ଦାର୍ଶନିକ ଭାବନାକୁ ଉଦ୍ଦୀପକ କବିତା ମାଧ୍ୟମରେ ରୂପଦେବା ପାଇଁ; ସେ ଏପରି ଜଣେ ବ୍ୟକ୍ତି ଯାହାକୁ ପରମ୍ପରା ବାନ୍ଧି ରଖିଛି, କିନ୍ତୁ ପ୍ରଚଳିତ ରୀତିର ଶୃଙ୍ଖଳରୁ ସେ ମୁକ୍ତ ।

ଯେ କୌଣସି କବି ପକ୍ଷରେ ଏପରି ଏକ ପ୍ରଶସ୍ତ ପରିସର ଭିତରେ ଏତେ ଜ୍ୱଳନ୍ତ ଉଦ୍ଦୀପନା ସହିତ ସମ୍ମୁଖୀନ ହେବା ଆୟାସସାଧ୍ୟ ବ୍ୟାପାର । ସନ୍ଦେହ ହୁଏ, ଆଉ କୌଣସି ସାମ୍ପ୍ରତିକ କବି ଏହି ପରିପ୍ରେକ୍ଷୀରେ ସଫଳ ହୋଇଛନ୍ତି କି ନାହିଁ ।

## ଅନୁବାଦ

ଧୂସର ପାଣ୍ଡୁଲିପି ( ୧୯୩୬ )
ବନଲତା ସେନ ( ୧୯୪୨ )
ମହାପୃଥିବୀ ( ୧୯୪୦ )
ସାତୋଟି ତାରର ତିମିର ( ୧୯୪୮ )
ଶ୍ରେଷ୍ଠ କବିତା ( ୧୯୫୪ )
ରୂପସୀ ବାଙ୍ଗ୍ଲା ( ୧୯୫୭ )
ବେଲା ଅବେଲା କାଲବେଲା ( ୧୯୬୧ )

ଏଥିରେ ସନ୍ନିବେଶିତ ସମସ୍ତ କବିତା ମୌଳିକ ବଙ୍ଗଳାରୁ ଅନୁବାଦ କରିଛନ୍ତି ଦୁର୍ଗାମାଧବ ମିଶ୍ର

# ଅନୂଦିତ କବିତାର ସୂଚୀ

| | ବଙ୍ଗୀୟ ଶୀର୍ଷକ | ଓଡ଼ିଆ ଶୀର୍ଷକ |
|---|---|---|
| ୧ । | ମୃତ୍ୟୁର ଆଗେ | ମୃତ୍ୟୁ ପୂର୍ବରୁ |
| ୨ । | ଶକୁନ | ଶାଗୁଣା |
| ୩ । | ବନଲତା ସେନ | ବନଲତା ସେନ |
| ୪ । | କମଲା ଲେବୁ | କମଳା ଲେଂବୁ |
| ୫ । | ସୁଚେତନା | ସୁଚେତନା |
| ୬ । | ପଥ ହାଣ୍ଟା | ପଥ ଚଲା |
| ୭ । | ଶବ | ଶବ |
| ୮ । | ବିଡ଼ାଲ | ବିରାଡ଼ି |
| ୯ । | ଆଟ ବଛର ଆଗେର ଏକ ଦିନ୍ | ଆଠବର୍ଷ ପୂର୍ବେ ଦିନେ |
| ୧୦ । | ହାଓୟାର ରାତ | ବତାସୀ ରାତି |
| ୧୧ । | ବୁନୋ ହାଁସ | ବନ୍ୟ ହଂସ |
| ୧୨ । | ହାଜାର ବଛର ସୁଧୁ ଖେଲା କରେ | ହଜାର ହଜାର ବର୍ଷ ଖେଳୁଛନ୍ତି |
| ୧୩ । | ଶୀତ ରାତ୍ର | ଶୀତ ରାତ୍ର |
| ୧୪ । | ଇହାଦେର କାନେ | ଏଇମାନଙ୍କର କାନରେ |
| ୧୫ । | ଶ୍ରାବନ୍ ରାତ୍ | ଶ୍ରାବଣ ରାତି |
| ୧୬ । | ସ୍ୱପ୍ନ | ସ୍ୱପ୍ନ |
| ୧୭ । | ହାୟ ଚିଲ୍ | ହାୟ ଚିଲ |
| ୧୮ । | ହାଁସ | ନଅଟି ହଂସ |
| ୧୯ । | ସୂର୍ଯ୍ୟ ପ୍ରତିମ | ସୂର୍ଯ୍ୟ ପ୍ରତିମ |
| ୨୦ । | ସମାରୂଢ଼ | ସମାରୂଢ଼ |
| ୨୧ । | ଲଘୁ ମୁହୂର୍ତ୍ତ | ଲଘୁ ମୁହୂର୍ତ୍ତ |
| ୨୨ । | ଆକାଶଲୀନା | ଆକାଶଲୀନା |
| ୨୩ । | ସପ୍ତକ | ସପ୍ତକ |
| ୨୪ । | ସେଇ ସବ ଶେୟାଲେରା | ସେଇ ବିଲୁଆମାନେ |
| ୨୫ । | ଯାତ୍ରୀ | ଯାତ୍ରୀ |
| ୨୬ । | ଅନୁପମ ତ୍ରିବେଦୀ | ଅନୁପମ ତ୍ରିବେଦୀ |
| ୨୭ । | ଅଦ୍ଭୁତ ଆନ୍ଧାର ଏକ୍ | ଅଦ୍ଭୁତ ଅନ୍ଧାର ଏକ |
| ୨୮ । | ଆବାର ଆସିବ ଫିରେ | ପୁଣି, ମୁଁ ଆସିବି ଫେରି |
| ୨୯ । | ଆଜକେର ରାତ | ଆଜି ରାତି |

# ମୃତ୍ୟୁ ପୂର୍ବରୁ

ଆମେ ଯେଉଁମାନେ ଘୁରିଅଛୁଁ ନିର୍ଜନ ଶୁଷ୍କ ତୃଣ ପ୍ରାନ୍ତରରେ
ପୌଷ ସନ୍ଧ୍ୟାରେ,
ଦେଖିଛୁଁ ପ୍ରାନ୍ତର ପାରେ ନରମ ନଦୀର ନାରୀ ବିଞ୍ଚି ଦିଏ ଫୁଲ
କୁହେଳିର ; କେଉଁ ଯୁଗର ମଫସଲ ଝିଅମାନଙ୍କ ପରି ହାସ୍ୟ
ସେମାନେ ସମସ୍ତେ ; ଆମେ ଯେଉଁମାନେ ଦେଖିଅଛୁଁ ଅନ୍ଧାର ଭିତରେ
ଅରଖ ଓ ଜହ୍ନି ଗଛରେ ଭର୍ତ୍ତି ଜୁଳୁଜୁଳା ପୋକ ;
ଯେଉଁ ବିଲରେ ଫସଲ ନାହିଁ ତାହାର ଉପରେ
ଚୁପ୍ କରି ଛିଡ଼ା ହୋଇଛି ଜହ୍ନ —
କିଛି ମାତ୍ର ଲୋଭ ନାହିଁ ତା'ର ଫସଲ ନିମନ୍ତେ ;

ଆମେ ଯେଉଁମାନେ ଭଲ ପାଇଅଛୁଁ ଅନ୍ଧକାର ଦୀର୍ଘ ଶୀତ ରାତିକୁ
ଘର ଛପରରେ ଶୁଣିଅଛୁଁ ଡେଣାର ସଞ୍ଚାର ମୁଗ୍ଧ ରାତିରେ
ବୃଦ୍ଧ ଉଲ୍ଲୁକର ଗନ୍ଧ ;—ଅନ୍ଧାରରେ ଆଉ ଥରେ କେଣେ ହଜିଗଲା,
ବୁଝିଅଛୁଁ ଶୀତରାତି ଅପରୂପ ରାତି,—ପ୍ରାନ୍ତରୁ ପ୍ରାନ୍ତରେ
ଡେଣା ହଲାଇବାର ଗଭୀର ଆହ୍ଲାଦେ ଭରା ;
ଅଶ୍ୱତ୍ଥର ଡାଳେ ଡାଳେ ବକ ବୋବାଉଛି ;
ଆମେ ସବୁ ଯେଉଁମାନେ ବୁଝି ଅଛୁଁ
ଜୀବନର ଏଇ ସବୁ ନିଭୃତ କୁହୁକ ।

ଆମେ ସବୁ ଯେଉଁମାନେ ଦେଖିଅଛୁଁ, ବନ୍ୟ ହଂସ
ଶିକାରୀର ଲକ୍ଷ୍ୟକୁ ଏଡ଼ାଇ, ଉଡ଼ିଯାଏ
ଦିଗନ୍ତର ନମ୍ର ନୀଳ ଜ୍ୟୋତ୍ସ୍ନା ପଥ ଦେଇ
ଆମେ ସବୁ ଯେଉଁମାନେ ଭଲ ପାଇ ରଖିଅଛୁ ଧାନଗୁଚ୍ଛ ପରେ ଆମ ହାତ,
ସନ୍ଧ୍ୟାର ବାୟସ ପରି ଆକାଙ୍କ୍ଷାରେ ପୂର୍ଣ୍ଣ ଆମେ ଫେରିଅଛୁଁ ଘରେ ;
ଶିଶୁ ମୁଖ ଗନ୍ଧ, ଘାସ, ଖରା, ମାଛରଙ୍କା, ନକ୍ଷତ୍ର, ଆକାଶ
ଆମେ ସବୁ ପାଇଅଛୁଁ ଘୁରି ଘୁରି ଏ ସବୁର ଚିହ୍ନ ବାରମାସ ।

ଦେଖିଛୁଁ ସବୁଜ ପତ୍ର ଅଘ୍ରାଣର ଅନ୍ଧକାରେ ପଡ଼େ ହଳଦିଆ,
ବୃକ୍ଷ-ଝରକା ବାତାୟନେ ଆଲୁଅ ଓ ବୁଲ୍‌ବୁଲ୍ କରୁଅଛି ଖେଳା ।

ମୂଷିକ ପଉଷ ଗନ୍ଧେ ରେଶମ ସମାନ ରୋମେ ମାଖିଅଛୁ ଖୁଦ ;
ଚୁଲର ଧୂସର ବାସ୍ନାରେ ତରଙ୍ଗ ଝଣଛୁ ଦୁଇ ଓଳି
ନିର୍ଜନ ମାଛର ନେଶେ ; ପୋଖରୀର ଆରପାରେ ହଂସ
ସନ୍ଧ୍ୟାର ଅନ୍ଧାରେ ପାଇଛୁ ନିଦ୍ରାର ଘ୍ରାଣ ଝିଅଟିର ନରମ ପରଶେ ।

ମିନାର ସମାନ ମେଘ ସୁନାର ଚିଲକୁ ତା'ର ଝରକାକୁ ଡ଼ାକେ ;
ବେତ-ଲତା ତଳେ ଚଢ଼େଇର ଡ଼ିଂବ ସତେ ଶକ୍ତ ହୋଇଗଲା ;
ନରମ ଜଳର ବାସ୍ନା ନେଇ ନଦୀ ବାରବାଂର ତା'ର ତୀରେ ବୋଳାଉଏ ;
ଛଣ ଛପର-ଛାୟାର ଖୋଦାଇ ଜ୍ୟୋସ୍ନାର ଅଙ୍ଗନେ ଲେଟେ ;
ପବନରେ ଝିଙ୍କାରୀର ଗନ୍ଧ-ବୈଶାଖ ପ୍ରାନ୍ତରର ସବୁଜ ହାଓ୍ୱାରେ
ନୀଳାଭ ଲୁଣିଆ ବକ୍ଷେ ଘନ ରସ ଗାଢ଼ ଆକାଙ୍କ୍ଷାରେ ନଇଁ ଆସେ ।

ଆମେ ସବୁ ଯେଉଁମାନେ ଦେଖିଅଛୁଁ ନିବିଡ଼ ବଟର ନିମ୍ନେ ଲାଲଲାଲ ଫଳ ପଡ଼ିଅଛୁ ;
ନିର୍ଜନ ପ୍ରାନ୍ତରେ ଭିଡ଼, ମୁଖ ଦେଖେ ନଦୀର ଭିତରେ ;
ଯେତେ ନୀଳ ଆକାଶରେ ରହି ଯାଇଅଛୁ ତା'ଠାରୁ
ଅଧିକ ନୀଳ ଖୋଜିବୁଲେ ଆକାଶର ତଳ ;
ପଥେ ପଥେ ଦେଖିଅଛୁଁ ମୃଦୁ ନେତ୍ର ଛାୟା ସୃଷ୍ଟି କରେ ପୃଥିବୀ ଉପରେ ;
ଆମେ ସବୁ ଯେଉଁମାନେ ଦେଖିଅଛୁଁ ଗୁଆଗଛ ଧାଡ଼ି
ଭେଦ କରି ସନ୍ଧ୍ୟା ଆସେ ନିତି ;
ପ୍ରତିଦିନ ଭୋର୍ ଆସେ ଧାନଗୁଚ୍ଛ ପରି ସବୁଜ, ସହଜ ।

ଆମେ ସବୁ ଯେଉଁମାନେ ବୁଝିଅଛୁଁ ବହୁ ଦିନ, ମାସ, ଋତୁ ଶେଷ ହେଲା ପରେ
ପୃଥିବୀର ସେହି କନ୍ୟା ପାଶେ ଅନ୍ଧକାର ଆସେ ନଦୀଙ୍କର କଥା କହି କହି ;
ଆମେ ସବୁ ବୁଝି ଅଛୁଁ ପଥ, ଘାଟ, ପ୍ରାନ୍ତର ଭିତରେ
ଆଉ ଏକ ଆଲୋକ ରହିଛି ; ଦେହରେ ତା' ଅପରାହ୍ଣର ଧୂସରତା ;
ଆଖିଦେଖା ହାତ ଛାଡ଼ି ଦେଇ ସେ ଆଲୋକ ହୋଇଅଛି ସ୍ଥିର ;
ପୃଥିବୀର କଙ୍କାବତୀ ଭାସି ଯାଇ ଏଇଠାରେ ଉଜେ ମ୍ଲାନ ଧୂପର ଶରୀର ।

ମୃତ୍ୟୁ ଆଗେ ଆମେ କଣ ଆଉ ଚାହୁଁ ବୁଝିବାକୁ ?
ଜାଣିନୁ କି ଆହା,
ରଙ୍ଗୀନ୍ କାମନା ଧାରେ ପ୍ରାଚୀର ସମାନ ଜାଗିଉଠେ ଧୂସର ମୃତ୍ୟୁର ମୁଖ !

ଦିନେ ପୃଥିବୀରେ ସ୍ୱପ୍ନ ଥିଲା, ସ୍ୱର୍ଣ୍ଣ ଥିଲା ଯାହା
ପାଏ ନିରୁତ୍ତର ଶାନ୍ତି, ବୋଧହୁଏ କେଉଁ ଜାଦୁକରୀ ପ୍ରୟୋଜନେ ।
ଆଉ କଣ ଜାଣିବାକୁ ଚାହୁଁ ଆମେ ? ସୂର୍ଯ୍ୟାସ୍ତରେ
ପକ୍ଷୀଙ୍କର ଡାକ ଶୁଣିନୁ କି ? ପ୍ରାନ୍ତରର କୁହେଳିରେ
ଦେଖିନୁ କି ଉଡ଼ି ଯାଇଅଛି କାକ ?

( ଧୂସର ପାଣ୍ଡୁଲିପି )

## ଶାଗୁଣା

ପ୍ରାନ୍ତରେ ପ୍ରାନ୍ତରେ—ସମସ୍ତ ମଧ୍ୟାହ୍ନ ଭରି ଏସିଆର ଆକାଶେ ଆକାଶେ
ଶାଗୁଣାମାନେ ଉଡ଼ୁଛନ୍ତି
ମଣିଷ ବସତି ଠାରୁ ଦୂର ପଡ଼ିଆରେ ।
ଶାଗୁଣାର ନିସ୍ତବ୍ଧ ପ୍ରାନ୍ତର ;
ସେ ପ୍ରାନ୍ତରର ଦୃଢ଼ ନୀରବତା ଆକାଶ ପରି ସ୍ତବ୍ଧ ଓ ନୀରବ
ସତେ ଅବା ସେ ପ୍ରାନ୍ତର ଆଉ ଏକ ଆକାଶ ।

ସେହି ପଡ଼ିଆରେ ଶାଗୁଣାମାନେ ଥରେ ଥରେ ଓହ୍ଲାନ୍ତି ନୀରବରେ
କଠିନ ମେଘ ଦେଶରୁ ;
ସତେ ଅବା ଦୂରର ଆଲୋକ ଛାଡ଼ି
ଧୂମ୍ର-କ୍ଳାନ୍ତ ଦିକ୍ ହସ୍ତୀମାନେ ପଡ଼ି ଯାଇଛନ୍ତି
ପୃଥିବୀରେ, ଏସିଆର ବଲ ଜଣ ଘାସ ପଡ଼ିଆରେ ।
ସେମାନେ କିନ୍ତୁ ପଡ଼ିରହନ୍ତି କେତୋଟି ମୁହୂର୍ତ୍ତ ମାତ୍ର,
ପୁନଶ୍ଚ କରନ୍ତି ଆରୋହଣ
କୃଷ୍ଣବର୍ଣ୍ଣ ବିଶାଳ ଡେଣା ତାଳଗଛ ଶିଖେ ।
ତା'ପରେ ଉଡ଼ନ୍ତି ସବୁ ଏ ପାହାଡ଼ୁ ସେ ପାହାଡ଼
ସମୁଦ୍ର ନିକଟେ ଯାଇ ପହଞ୍ଚନ୍ତି,
ଦେଖନ୍ତି କିପରି ବମ୍ବେ ବନ୍ଦରର ଅନ୍ଧକାରେ ଜାହାଜ ଲଗୁଛି ଅସୁମାରି ।
ପୁଣି ଥରେ ଉଡ଼ିଯାନ୍ତି ସ୍ନିଗ୍ଧ ମାଳବାରେ
କେଉଁ ଏକ ମିନାରର ବିମର୍ଷ ଶିଖର ଘେର

## ଅନେକ ଶାଗୁଣା

ସତେଅବା ପୃଥିବୀର ଅନ୍ୟ ପକ୍ଷୀମାନଙ୍କୁ ଭୁଲିଯାଇ
ଚାଲି ଯାଉଛନ୍ତି ମୃତ୍ୟୁ ପରପାରେ ।

ଯେପରି କେଉଁ ବୈତରଣୀ ଅଥବା ବିରହର ବିଷଣ୍ଣ ଲେଗୁନ୍
କାନ୍ଦି ଉଠେ ; ଚାହିଁଦେଲେ କେତେବେଳେ ଗଭୀର ନୀଳରେ
ନିଶ୍ଚିହ୍ନ ହୋଇ ଯାଇଛନ୍ତି ସକଳ ଶାଗୁଣା ।

## ବନଲତା ସେନ

ହଜାର ବରଷ ଧରି ଚାଲିଛି ମୁଁ ପଥଚାରୀ ପୃଥିବୀର ପଥେ,
ସିଂହଳ ସମୁଦ୍ରଠାରୁ ନିଶୀଥର ଅନ୍ଧକାରେ ମାଲୟ ସାଗରେ ;
ବହୁତ ଭ୍ରମିଛି ମୁହିଁ ବିଂବସାର ଅଶୋକଙ୍କ ଧୂସର ଜଗତେ ;
ସେଠାରେ ମୁଁ ଥିଲି ; ଆଉ ଥିଲି ଦୂର ଅନ୍ଧକାରେ ବିଦର୍ଭ ନଗରେ ;
ମୁଁ ଯେ ଏକ କ୍ଲାନ୍ତପ୍ରାଣ, ଚାରିଦିଗେ ଜୀବନର ସମୁଦ୍ର ସଫେନ,
ଦୁଇ ଦଣ୍ଡ ଶାନ୍ତି ମୋତେ ଦେଇଥିଲା ନାଟୋରର ବନଲତା ସେନ ।

କେଶ ତା'ର କେଉଁ ଯୁଗ ଅନ୍ଧକାର ବିଦିଶାର ନିଶା
ମୁଖ ତା'ର ଶ୍ରାବସ୍ତୀର କାରୁକାର୍ଯ୍ୟ ; ଅତିଦୂର ସମୁଦ୍ର ମଝିରେ
ହାଲ ଭାଙ୍ଗି ଯେ ନାବିକ ହରାଇଛି ଦିଗ,
ସବୁଜ ଘାସର ଦେଶ ତା' ଆଖିରେ ପଡ଼େ ଯେବେ ଡାଲଚିନି ଦ୍ୱୀପର ଭିତରେ,
ସେମିତି ଦେଖିଛି ତାରେ ଅନ୍ଧକାରେ ;
ପଚାରିଲା—"କେଉଁଠି ହେ ଥିଲ ଏତେ ଦିନ ?"
ପକ୍ଷୀ-ନୀଡ଼ ଆଖି ଟେକି
ନାଟୋର୍‌ର ବନଲତା ସେନ ।

ସମସ୍ତ ଦିନର ଶେଷେ,
ଶିଶିରର ଶବ୍ଦ ପରି ସନ୍ଧ୍ୟା ଆସେ ;
ଡେଣାରୁ ଖରାର ଗନ୍ଧ ପୋଛିଦିଏ ଚିଲ
ପୃଥିବୀର ସବୁରଙ୍ଗ ନିଭିଗଲା ପରେ

ପାଣ୍ଡୁଲିପି କରେ ଆୟୋଜନ ଖଦ୍ୟୋତର ଝିଲ୍‌ମିଲ୍ ରଙ୍ଗେ
ଗୁନ୍ଥିବାକୁ ଗଳ୍ପର କାହାଣୀ ;
ସବୁ ପକ୍ଷୀ ଫେରନ୍ତି କୁଲାୟେ
ସବୁ ନଦୀ ଲେଉଟନ୍ତି ସାଗର ସଂଗମେ
ସରିଯାଏ ଜୀବନର ସବୁ ନେଣଦେଣ,
ରହେ ଖାଲି ଅନ୍ଧକାର, ଆଉ
ସମ୍ମୁଖରେ ବସିବାର ବନଲତା ସେନ ।

( ବନଲତା ସେନ )

## କମଳା ଲେଂବୁ

ଥରେ ଯଦି ମୋ ଦେହାନ୍ତ ହୁଏ
ଫେରିବି କି ପୃଥିବୀକୁ ଆଉ କେବେ ଥରେ ?
ଯଦି ତା ସମ୍ଭବ
ମୁଁ ଚାହିଁବି ଫେରିବାକୁ,
କେଉଁ ଏକ ହେମାଳ ରାତିରେ
ଗୋଟିଏ ଅର୍ଦ୍ଧଭୁକ୍ତ କମଳା ଲେଂବୁର
କୋମଳ ଶୀତଳ ମାଂସ ହୋଇ ;
କେଉଁ ଏକ ପରିଚିତ ମୁମୂର୍ଷୁର ବିଛଣା କଡରେ ।

( ବନଲତା ସେନ )

## ସୁଚେତନା

ସନ୍ଧ୍ୟାର ନକ୍ଷତ୍ର ପର ଦୂର ଅତି ଦୂର ;
ତୁମେ ଏକ ଦ୍ୱୀପ ସୁଚେତନା,

ସେଇଠାରେ, ତାଳଚନ—ବନାମୀର ଫାଙ୍କେ,
ଅଛୁ ନିର୍ଜନତା ।
ସତ୍ୟ ଏହି ପୃଥିବୀର ସଂଗ୍ରାମ ଓ ଶ୍ରମ ଓ ଗୌରବ
ତେବେ କଣ ଶେଷ ସତ୍ୟ ସବୁ !
କଲକତା କେବେ ଧନେ ହୋଇପାରେ କଲ୍ଲୋଲିନୀ ତିଲୋତ୍ତମା,
ତଥାପି ଭ୍ରମଣ ହୋଇ, ଥିବ ମୋ' ହୃଦୟ ।

ଆଜ ଅନେକ ରୂଢ଼ ରୌଦ୍ରରେ ଘୂରିଘୂରି ପ୍ରାଣ ମୋର
ପୃଥିବୀର ମଣିଷକୁ ମଣିଷ ପରି ସୁଖ ଦେବାକୁ ଯାଇ
ଦେଖୁଛୁ ମୋର ହାତରେ ହୁଏତ ନିହତ ହୋଇ
ପଡ଼ି ରହିଛନ୍ତି ଅସଂଖ୍ୟ ଭାଇ, ଭଉଣୀ, ବନ୍ଧୁ, ପରିଜନ ;
ପୃଥିବୀର ଆଜ ଭୀଷଣ ଅସୁଖ ;
ତଥାପି ଆମେ ଋଣୀ ସେହି ପୃଥିବୀ ପାଖରେ ।

ଦେଖିଛୁ ମୁଁ ଅନେକ ଜାହାଜ
ବନ୍ଦରର ଖଡ଼ରେ ଲଙ୍ଗର ଟାଣିଛୁ—
ସେ ଜାହାଜେ ଫସଲ ବୋଝାଇ,
ସେ ଫସଲ ଅଗଣନ ମଣିଷର ଶବ ;
ସେ ଶବରୁ ଉତ୍ସାହିତ ସୁବର୍ଣ୍ଣ ବିସ୍ମୟ
ଆମକୁ କରିଛୁ ମୂକ,
ଠିକ୍ ଯିମିତି ମୂକ କରିଥିଲା
ବୁଦ୍ଧ, କନଫ୍ୟୁସିଅସଙ୍କୁ ;
ଏହାସତ୍ତ୍ୱେ ଚତୁର୍ଦ୍ଦିଗେ ରକ୍ତକ୍ଲାନ୍ତ କର୍ମର ଆହ୍ୱାନ ।

ସୁଚେତନା, ଜୀବନର ପଥେ ଦୀପ ଜାଳି,
ଏ ପଥେହିଁ ପୃଥିବୀର କ୍ରମ-ମୁକ୍ତି ହେବ ;
କିନ୍ତୁ ତାହା ଅନେକ ଶତାବ୍ଦୀ ଧରି ମହାତ୍ମାମାନଙ୍କ ଉଦ୍ୟମରେ ହେବ ;
ଏ ପବନ କି ପରମ ସୂର୍ଯ୍ୟକରୋଜ୍ଜ୍ୱଳ ! !
ପ୍ରାୟ ସେହିପରି ଭଲ ମାନବ-ସମାଜ
ଆମେ ଗଢିଦେବୁ
କ୍ଲାନ୍ତ ଆଉ କ୍ଲାନ୍ତିକସ୍ମୀ ଆମରି ହାତରେ ;

କିନ୍ତୁ ଆଜ ନୁହେଁ,
ଢେର ଦୂର ଅନ୍ତିମ ପ୍ରଭାତେ ।

ସୁଖଦା ଏ ପୃଥିବୀର ଆକର୍ଷଣେ
ମାନବ ଜନମ ନେଇ ଆସିଛି ମୁଁ ;
ନ ଆସିବା ବୋଧହୁଏ ଭଲ ହୋଇଥାନ୍ତା ।
ତଥାପି ଯେ ଆସିଲି ତା' ଲାଭ କଣ—ଜାଣେ,
ଜାହିଁକ ନା, ସକାଳର ପଦ୍ମେ ପଦ୍ମେ ଶିଶିରରୁ ଦେହ
ମୋ ଅଙ୍ଗୁଳି ଅଗ୍ରରେ ମୁଁ ଛୁଇଁ ପାରୁଅଛି ;
ଯାହା ମୁଁ ଦେଖିଲି ତାହା ଘଟିବ ନିଶ୍ଚୟ,
ଯାହା ବା ଘଟିବ ତାହା ଘଟିବାର ସଂଶୟ ମୋ'ର ନାହିଁ,—
ଶାଶ୍ୱତ ରାତ୍ରି ବୁକୁରେ ଅନନ୍ତ ସୂର୍ଯ୍ୟୋଦୟ ।

( ବନଲତା ସେନ )

**ପଥଚଲା**

କେଉଁ ଏକ ଇଶାରା ଯେପରି ମନେରଖି
ଏକା ଏକା ସହରର ଏ ପଥ୍ ସେ ପଥ
ଅନେକ ଚାଲିଛି ମୁହିଁ ;
ବହୁତ ଦେଖିଛି ମୁହିଁ ଟ୍ରାମ୍, ବସ୍ ସବୁ ଠିକ୍ ଚାଲେ ;
ଚାଲି ସାରି ପଥ ଛାଡ଼ି ଶାନ୍ତ ହୋଇ ଚାଲିଯାଏ ନିଦ୍ରାର ଜଗତେ ।

ସାରା ରାତି ଗ୍ୟାସ୍ ଲାଇଟ୍ ନିଜର କର୍ତ୍ତବ୍ୟ କରେ—
ଭଲ କରି ଜଳେ ;
କେହି ଭୁଲ୍ କରେ ନାହିଁ—
ଇଟା, ଘର, ସାଇନ୍‌ବୋର୍ଡ, ଝରକା, କବାଟ, ଛାତ ସମସ୍ତେ
ଚୁପ୍ ହୋଇ ଶୋଇବାର ପ୍ରୟୋଜନ ହେଲେ,
ଶେଷକୁ ଆକାଶ ତଳେ ଶୋଇଯାନ୍ତି ।

ସେମାନଙ୍କ ଗାଢ଼ ଶାନ୍ତ ଅନୁଭବ କରଛୁ ମୋ ଅସ୍ଥି ରେ ମଜ୍ଜାରେ
ଗ୍ଲୁଁ ଗ୍ଲୁଁ ଗ୍ରବିର ସେ ପଥେ ଅନୁପଥେ ।
ସେତେବେଳେ ବନ୍ଧୁ ତାର ମନୁମେଣ୍ଟ ମିନାର ଚୂଡ଼ାରେ
ନର୍କନେ ଧ୍ୱଅନ୍ତ ଠୂଳ ; ମନେ ପଡ଼େନାହିଁ କେବେ ଘନେ
ଏହାଠାରୁ ସହଜ ସମ୍ଭବ ଆଉ କଛୁ ଦେଖିଛୁ କ ?
ସ୍ତୂପୀକୃତ ତାର-ଆଉ-ମନୁମେଣ୍ଟ-ଭରା କଲକତା ?
ଚକ୍ଷୁ ମୋ'ର ନଇଁ ଯାଏ,
ଚୂରୁହି ଝରବେ ଜଳେ,
ପବନରେ ବହୁ ଧୂଳି, କାଠି, କୁଟା—
ଆଖିବୁଜ ଗୋଟିଏ କଣକୁ ଘୂଞ୍ଚିଯାଏ ।
ଗଛରୁ ଉଡ଼ିଯାଉଛୁ ଅନେକ ଶୁଖିଲା ପତ୍ର ;
ବାବଲନ୍‌ରେ ଏକା···ଏକା ·· ଏଇମିତ ବୁଲୁଛୁ ମୁଁ କେତେ ରାତ
କାହିଁକ କେଜାଣି, ଏ ଅବଧି ଅଧିକ ମୁଁ ଜାଣିନାହିଁ ହଜାର ହଜାର
ବ୍ୟସ୍ତ ଶତାବ୍ଦୀ ଶେଷରେ ।

## ଶବ

ଯେଉଁଠି ବୁଢ଼ୀଟେ ଜ୍ୟୋତ୍ସ୍ନା ଭିଜୁଅଛୁ କାଶତଣ୍ଡୀ ବଣେ,
ଯେଉଁଠି ଅନେକ ମଶା ଗଢ଼ିଛନ୍ତି ସେମାନଙ୍କ ଘର ;
ଯେଉଁଠି ସୁନେଲି ମାଛ ଖୁଣ୍ଟି ଖୁଣ୍ଟି ଖାଏ
ସେ ସବୁ ନୀଳ ମଶାଙ୍କ ମୌନ ଆକାଙ୍‌କ୍ଷାରେ ;
ନର୍କନ ମାଛର ରଙ୍ଗେ ଯେଉଁଠାରେ ହୋଇଅଛୁ ଚୁପ୍
ପୃଥିବୀର ଏକ ପାର୍ଶ୍ୱେ ଏକାକୀ ନଦୀର ଗାଢ ରୂପ ;
କାନ୍ତାରର ଏକ ପାର୍ଶ୍ୱେ ଯେଉଁ ନଦୀ ଜଳ
ବାବୁଲ ଓ କାଶତଣ୍ଡୀ ବଣେ
ଶୋଇ ଶୋଇ ଦେଖିଛୁ କେବଳ
ଅପରାହ୍‌ଣ ଲାଲ ମେଘ ; ନକ୍ଷତ୍ରର ରାତି ଅନ୍ଧକାରେ
ବିରାଟ ନୀଳାଭ ଗଭା ଝୁଲଇ ଝୁଲଇ
ସତେ ଅବା ନାସ୍ତି ଜଣେ ମଥା ଦୋହଲାଏ—

ଏଇ ସେହି ନଦୀ ; କିନ୍ତୁ ଏହି ନଦୀ ଏକ
ନୀଳ ମେଘ, ହଳଦିଆ ହଳଦିଆ ଜ୍ୟୋତ୍ସ୍ନା
ତା' ଉପରେ ଡାଳ ପକାଇଛି—
ନିରେଖି ଚାହିଁଲେ ଦେଖାଯିବ,
ଅନ୍ୟ ସବୁ ଆଲୋକ ଓ ଅନ୍ଧକାର ଏଇଠାରେ ଶେଷ ;
କେବଳ ରହିଛି ନୀଳ ନେଳି ମାଛ ଆଉ ମେଘ,
ଜ୍ୟୋତ୍ସ୍ନାର ଆଲୋକ ଏଠି ମ୍ଳାନ ଆଉ ନୀଳ ;
ଏଇଠାରେ ମୃଣାଳିନୀ ଘୋଷାଲର ଶବ
ଭାସୁଅଛି ଚିରଦିନ : ନୀଳ, ନୀଳ୍, ରୂପେଲି, ନୀରବ ।

( ମହାପୃଥିବୀ )

## ବଗଡ଼ି

ଧନସାରୀ ଗୋଟିଏ ବଗଡ଼ି ସହିତ ମୋର ଦେଖା ହୁଏ ;
ଗଛ ଛାଇରେ, ଖରାରେ, ଶୁଖିଲା ପତ୍ର ଗହଳରେ ;
କେଉଁଠି କେଇ ଖଣ୍ଡ ମାଛ କଣ୍ଟାର ସଫଳତା ପରେ
ଧଳା ମାଟିର କଙ୍କାଳ ଭିତରେ, ଦେଖେଁ—
ନିଜର ହୃଦୟକୁ ଧରି ମହୁମାଛି ପରି ନିମଗ୍ନ ସେ ;
ତା'ପରେ ତଥାପି କୃଷ୍ଣଚୂଡ଼ାର ଦେହକୁ ନଖରେ ସାମ୍ଭୁଡ଼ୁଛି,
ଧନସାରୀ ସୂର୍ଯ୍ୟର ପଛେ ପଛେ ଚାଲିଛି ସେ ।
ଥରେ ଥରେ ସେ ହଜିଯାଏ
ପୁଣି କୁଆଡ଼େ ଉଭେଇଯାଏ ।
ହେମନ୍ତ ସନ୍ଧ୍ୟାରେ ଜାଫରାନ୍ ରଙ୍ଗ ସୂର୍ଯ୍ୟର ନରମ ଶରୀରରେ
ନିଜର ଧଳା ପଂଝା ବୁଲାଇ ବୁଲାଇ ଖେଳୁଛି—ଦେଖିଲି ତାକୁ ;
ତା'ପରେ ଅନ୍ଧକାରକୁ ଛୋଟ ଛୋଟ ପେଣ୍ଡୁ ପରି
ଝିଙ୍କି ଆଣିଲା ସେ ନିଜର ପଂଝାରେ
ଏବଂ ସେ ପେଣ୍ଡୁଗୁଡ଼ିକ ପୃଥିବୀ ଉପରେ ବାଣ୍ଟି ଦେଲା ।

( ମହାପୃଥିବୀ )

## ଆଠ ବର୍ଷ ପୂର୍ବେ ଦିନେ

ଶୁଣାଗଲା ମଡ଼ାକଟା ଘରେ ନେଇଛନ୍ତି ତାକୁ
କାଲି ରାତିରେ, ଫଗୁଣ ରାତିର ଅନ୍ଧାରେ ।
ଯେତେବେଳେ ବୁଡ଼ି ଯାଇଥିଲା ପଞ୍ଚମୀର ଜହ୍ନ
ସେତେବେଳେ ମରିବାକୁ ଇଚ୍ଛା ହେଲା ତା'ର ।

ବଧୂ ଶୋଇଥିଲା ପାଖେ ଶିଶୁଟି ବି ଥିଲା ;
ପ୍ରେମ ଥିଲା, ଆଶା ଥିଲା, ଜ୍ୟୋତ୍ସ୍ନା ଥିଲା ;
ତଥାପି ଦେଖିଲା ସିଏ କେଉଁ ଭୂତ ?
କପର ତା' ନିଦ ଭାଙ୍ଗି ଗଲା ?
ଅଥବା ଶୋଇ ନ ଥିଲା ବହୁଦିନୁ,
ମଡ଼ାକଟା ଘରେ ନିଶ୍ଚିନ୍ତରେ ଶୋଇଅଛୁ ଆଜି ।

ବୁଝୁଛୁ, ସେ ଏଇ ନିଦ ଲୋଡ଼ୁଥିଲା
ରକ୍ତ ଫେଣମଖା ମୁଖରେ,
ମହାମାରୀ ଗ୍ରସ୍ତ ମୂଷାପରି ବେକ ଗୁଞ୍ଜି
ଅନ୍ଧାର ଗର୍ତ୍ତିରେ ଏବେ ଶୋଇଛି ସେ,
ଆଉ କେବେ ଉଠିବ ନି ।

"କେଉଁଦିନ ଉଠିବୁ ନି ଆଉ,
ଜାଣିବାର ଗାଢ଼ ବେଦନାର ଅବିରାମ-ଅବିରାମ ଭାର
ସହିବୁ ନି ଆଉ —"
ଏଇ କଥା କହିଥିଲା ତାକୁ
ଜହ୍ନ ବୁଡ଼ିଗଲା ପରେ, ଅଦ୍ଭୁତ ଅନ୍ଧାରରେ
ଯେତେ ଯେପରି ତା'ର ଝରକା ପାଖରେ
ଓଟ ବେକ ପରି କେଉଁ ଏକ ନିସ୍ତବ୍ଧତା ଆସି ।

ତଥାପି ତ ଜାଗେ ପେଚା, ବଞ୍ଚିବାକୁ ଚାହେଁ ;
ଗଳିତ ସ୍ଥବିର ବେଙ୍ଗ ଦୁଇ ମୁହୂର୍ତ୍ତ ବଞ୍ଚିବାକୁ
ଭିକ୍ଷା ମାଗେ,
ଆଉ ଏକ ପ୍ରଭାତର ଇସାରାରେ, ଅନୁମେୟ ଉଷ୍ଣ ଅନୁରାଗେ ।
ଟେର ପାଏଁ ଅନ୍ଧାରର ଗାଢ଼ ନିରୁଦ୍ଦେଶେ

ମଶାରିର ଗୁରୁଦ୍ଧରେ ଯୂଥଗୁଚ୍ଛ ମଶକର ଗାଢ଼ ବିରୋଧିତା ;
ଗାଢ଼ ଅନ୍ଧାରର ସଂଘାରାମେ
ମଶା କିନ୍ତୁ ଜାଗିରହେ, ଭଲ ପାଇ ଜୀବନର ସ୍ରୋତ
ରକ୍ତ, କ୍ଲେଦ, ମେଦ ଛୁଡ଼ି ଉଡ଼ିଯାଏ ମାଛି
ସୁନେଲି ଖରାର ଧାସେ ଚକ୍‌ଚକ୍ କରେ ତା'ର ପକ୍ଷୀ ।

ଘନିଷ୍ଠ ଆକାଶ ଅବା କେଉଁ ଏକ ବିକୀର୍ଣ୍ଣ ଜୀବନ
ଅଧିକାର କରିଅଛି ଏମାନଙ୍କ ମନ ;
ଦୁରନ୍ତ ଶିଶୁର ହାତେ ଝିଣ୍ଟିକାର ଘନ ଶିହରଣ
ମରଣ ସହିତ ଯୁଦ୍ଧ ;
ତଥାପି ଜହ୍ନ ବୁଡ଼ିଗଲା ପରେ ଅନ୍ଧାରରେ ଯାଇଥିଲ
ଅଶ୍ୱତ୍ଥ ପାଖକୁ ତୁମେ,
ଗୋଛାଏ ଦଉଡ଼ି ନେଇ ଯାଇଥିଲ ଏକା···ଏକା ;
ଯେ ଜୀବନ ଝିଣ୍ଟିକାର, ମଶକର
ମଣିଷ ସହିତ ତା'ର ହୁଏନା କି ଦେଖା ଥରେ ହେଲେ ?

ଅଶ୍ୱତ୍ଥର ଶାଖା କରେନା କି ପ୍ରତିବାଦ ?
ଜୁଳୁଜୁଳା ଦଳ ଆସି ସୁନେଲି ଫୁଲର ସ୍ନିଗ୍ଧ ସମାରୋହେ
ଘନିଷ୍ଠ କି ହେଲେ ନାହିଁ ?
ଥୁରୁଥୁରୁ ଅନ୍ଧ ପେଚା କହେନା କି ଆସି,
"ଜହ୍ନ ବୁଡ଼ିଲାଣି ବନ୍ୟା ଜଳରେ, ଚମତ୍କାର !
ଧରାଯାଉ ଦୁ' ତିନୋଟା ମୂଷିକ ଏଥର !"
ଜଣାଇଲା ନାହିଁ ତୁମ କର୍ଣ୍ଣେ ଏ ତୁମୁଳ ଗୂଢ଼ ସମାଚାର ?

ଜୀବନର ଏହି ସ୍ୱାଦ—ସୁପକ୍ୱ ଶସ୍ୟର ଘ୍ରାଣ
ହେମନ୍ତର ଅପରାହ୍ନେ—ତୁମକୁ ଅସହ୍ୟ ବୋଧ ହେଲା ;
ମଡ଼ାକଟା ଘରର ଉଜୁ ଗୁମ୍ଫାରେ ନଷ୍ଟପିଷ୍ଟ ମୂଷା ପରି
ରକ୍ତମଖା ଓଠରେ ପଡ଼ି ରହିବାରେ
ହୃଦୟ କି ଯୋଡ଼ାଯାଏ ?

ଶୁଣ ଏ ମୃତ ଗଳ୍ପ,
କେଉଁ ନାରୀର ପ୍ରଣୟରେ ସେ ବ୍ୟର୍ଥ ହୋଇ ନାହିଁ ;

ବିବାହିତ ଜୀବନ ଆହ୍ଲାଦ କେଉଁଠାରେ ତଳେ ଉଣା ନାହିଁ ;
ସମସ୍ତର ଉଦ୍‌ବର୍ତ୍ତିନେ ଗନ୍ଧମଣି ବଧୂ,
ଆଉ ତା'ର ମନନର ମଧୂ
ପ୍ରତି ଦିନ କରୁଛୁ ରସାଳ ;
ଦୂଃସ୍ଥତା କି ଗ୍ଲାନି ଭରା ବେଦନାର ଶୀତେ
ଏ ଜୀବନ ଦିନେହେଲେ ଥର ଉଠି ନାହିଁ ;
ତଥାପି,
ଶବ କଟା ଘରେ
ଚିତ୍ ହୋଇ ଶୋଇଅଛୁ ଟେବୁଲ୍ ଉପରେ ।

ଜାଣେ, ଭଲ କରି ଜାଣେ
ନାରୀର ହୃଦୟ, ପ୍ରେମ, ଶିଶୁ, ଗୃହ ନୁହେଁ ସବୁ କିଛୁ,
ଅର୍ଥ ନୁହେଁ, କୀର୍ତ୍ତି ନୁହେଁ, ସ୍ୱଚ୍ଛଳତା ନୁହେଁ,—
ଆଉ ଏକ ବିପନ୍ନ ବିସ୍ମୟ
ଆମ ରକ୍ତେ ଲୀଳା କରେ ;
ଆମକୁ କ୍ଳାନ୍ତ କରେ,
କ୍ଳାନ୍ତ···କ୍ଳାନ୍ତ କରେ ।
ଶବକଟା ଘରେ ସେହି କ୍ଳାନ୍ତ ନାହିଁ
ତେଣୁ,
ଶବକଟା ଘରେ ଚିତ୍ ହୋଇ ଶୋଇଛୁ ସେ ଟେବୁଲ ଉପରେ ।

ଏହା ସତ୍ତ୍ୱେ ପ୍ରତି ରାତେ ଦେଖେ ମୁହିଁ, ଆହା
ଥୁରୁଥୁରୁ ଜରାଜୀର୍ଣ୍ଣ ପେଚା
ଅଶ୍ୱତ୍ଥ ଡାଳରେ ବସେ ଆସି,
ଡୋଳା ଲେଉଟାଇ କହେ,
"ବୁଢ଼ା ଜହ୍ନ ସମ୍ଭବର ବନ୍ୟାଜଳେ ଯାଇଅଛୁ ଭାସି,
ଚମତ୍କାର !
ଧ ଗୁରଟା ମୂଷା ଏବେ ଧରିବା ଏଥର ।"

ହେ ପ୍ରଗାଢ଼ ପିତାମହ, ଆଜ "ଚମତ୍କାର" ?
ମୁଁ ମଧ୍ୟ ତୁମରି ଭଳି ବୁଢ଼ା ହେବି,

ବୁଢ଼ା ଜହ୍ନଟାକୁ କରଦେବ ବନ୍ୟା ଜଳେ ପାର୍ କାଳୀଦହେ
ଆମେ ଦୁହେଁ ମିଶି
ଶୂନ୍ୟ କରିଦେବା ଜୀବନର ପ୍ରଚୁର ଭଣ୍ଡାର ।

( ମହାପୃଥିବୀ )

## ବତାସୀ ରାତ

କାଲିଥିଲା ଗଭୀର ବତାସୀ ରାତ—ଅସଂଖ୍ୟ ନକ୍ଷତ୍ରର ରାତ ;
ସାରା ରାତ ବିସ୍ତୀର୍ଣ୍ଣ ପବନ ମୋ ମଶାରିରେ ଖେଳିଛି ;
ମଶାରିଟା ଫୁଲି ଉଠିଛି କେତେବେଳେ ମୌସୁମୀ ସମୁଦ୍ର ପେଟ ପରି,
କେବେ ଅବା ବିଛଣାରୁ ଛିଡ଼ି
ନକ୍ଷତ୍ର ଆଡକୁ ଉଡ଼ିଯିବାକୁ ଚାହିଁଛି ;

ଥରେ ଥରେ ମନେ ହେଉଥିଲା—ଅଧା ନିଦ ଭିତରେ ବୋଧହୁଏ --
ମୁଣ୍ଡ ଉପରେ ମଶାରି ମୋର ନାହିଁ ;
ସ୍ୱାତୀ ତାରାର କୋଳରେ ଘସି ହୋଇ
ନୀଳ ପବନର ସମୁଦ୍ରରେ
ଧଳା ବଗ ପରି ଉଡୁଛି ସେ ;
କାଲିଥିଲା ଏମିତି ଏକ ଚମତ୍କାର ରାତ ।

ସମସ୍ତ ମୃତ ନକ୍ଷତ୍ରମାନେ କାଲି ଜାଗି ଉଠିଥିଲେ
ଆକାଶରେ ତିଳେ ମାତ୍ର ଶୂନ୍ୟ ନ ଥିଲା ;
ପୃଥିବୀର ସମସ୍ତ ଧୂସର ପ୍ରିୟ ମୃତମାନଙ୍କର ମୁଖ ମଧ୍ୟ
ସେହି ନକ୍ଷତ୍ରମାନଙ୍କ ଭିତରେ ଦେଖିଛି ;
ଅନ୍ଧାର ରାତରେ ଅଶ୍ୱତ୍ଥ ଚୂଡ଼ାରେ
ପ୍ରେମିକ ଚିଲର ଶିଶିର-ଭିଜା ଆଖି ପରି
ଝଲମଲ କରୁଥିଲେ ସକଳ ନକ୍ଷତ୍ର ;
ଜ୍ୟୋତ୍ସ୍ନା ରାତରେ ବେବିଲନ୍ ରାଣୀ କାନ୍ଧରେ ପଡ଼ିଥିବା
ଚିତାବାଘର ଉଜ୍ଜ୍ୱଳ ଚମଡ଼ା ଶାଲ ପରି

ଜଳଜଳ କରୁଥିଲା ବିଶାଳ ଆକାଶ ;
କାଲି ଥିଲା ଏଇମିତି ଏକ ଆଶ୍ଚର୍ଯ୍ୟ ରାତି ।

ଯେଉଁ ନକ୍ଷତ୍ରମାନେ ଆକାଶ ବୁକୁରେ
ହଜାର ହଜାର ବର୍ଷ ତଳେ ମରି ଯାଇଥିଲେ
ସେମାନେ ବି' ଝରକା ଦେଇ ଅସଂଖ୍ୟ ମୃତ ଆକାଶଙ୍କୁ
ସାଥିରେ ଧରି ଆସିଥିଲେ ;
ଯେଉଁ ରୂପସୀମାନଙ୍କୁ ଏସିରିଆ, ମିଶର ଓ ବାବିଲରେ
ମରିଯାଇଥିବାର ମୁଁ ଦେଖିଛି
କାଲି ସେମାନେ ଅତିଦୂର ଆକାଶର ସୀମାରେ
କୁହୁଡ଼ି ଭିତରେ
ଦୀର୍ଘ ବର୍ଚ୍ଛା ଧରି ଧାଡ଼ି ଧାଡ଼ି ଠିଆ ହୋଇ ହୋଇଥିଲେ ଯେମିତି ।
ମୃତ୍ୟୁକୁ ଦଳିତ କରିବା ପାଇଁ ?
ଜୀବନର ଗଭୀର ବିଜୟ ପ୍ରକାଶ କରିବା ପାଇଁ ?
ପ୍ରେମର ଭୟାବହ ଗମ୍ଭୀର ସ୍ତମ୍ଭ ଗଢ଼ିବା ପାଇଁ ?
ସ୍ତବ୍ଧ—ଅଭିଭୂତ ମୁଁ,
କାଲି ରାତିର ପ୍ରବଳ ନୀଳ ଅତ୍ୟାଚାର
ମୋତେ ଛିନ୍ନଭିନ୍ନ କରି ଚିରାଇ ପକାଇଛି ଯେମିତି ;
ଆକାଶରେ ବିରାମହୀନ ବିସ୍ତୀର୍ଣ୍ଣ ଡେଣା ଭିତରେ
ପୃଥିବୀ କୀଟଟିଏ ପରି କାଲି ପୋଛି ହୋଇ ଯାଇଛି ଯେମିତି ;
ଆଉ ଉତ୍ତୁଙ୍ଗ ବତାସ ଆକାଶ ବୁକୁରୁ ଓହ୍ଲାଇ ଆସିଛି
ମୋ ଝରକା ଭିତର ଦେଇ ସାଇଁସାଇଁ କରି,
ସିଂହର ହୁଙ୍କାରରେ ଉତ୍କ୍ଷିପ୍ତ ସବୁଜ ପ୍ରାନ୍ତରର ଅଜସ୍ର ଜେବ୍ରା ପରି ।

ହୃଦୟ ଭରି ଯାଇଛି ମୋର ବିସ୍ତୀର୍ଣ୍ଣ ଫେଲ୍ଟର ସବୁଜ ଘାସର ଗନ୍ଧରେ,
ଦିଗନ୍ତ-ପ୍ଲାବିତ ବଳୀୟାନ୍ ରୌଦ୍ରର ଆଘ୍ରାଣରେ,
ମିଳନୋନ୍ମତ୍ତ ବାଘୁଣୀର ଗର୍ଜନ ପରି
ଅନ୍ଧକାରର ଚଞ୍ଚଳ ବିରାଟ ସ୍ୱେମଣ ଉଚ୍ଛ୍ୱାସରେ
ଜୀବନର ଦୁର୍ଦ୍ଦାନ୍ତ ନୀଳ ମତ୍ତତାରେ ।

ମୋ ହୃଦୟ ପୃଥିବୀରୁ ଛିଡ଼ି ଉଡ଼ିଗଲା,
ନୀଳ ହାଓ୍ୱାର ସମୁଦ୍ରରେ ସ୍ଫୀତ ବେଲୁନ୍ ପରି ଉଡ଼ିଗଲା,

ଦୂର ନକ୍ଷତ୍ରର ଏକ ମାସ୍ତୁଲକୁ,
ତାରିରେ ତାରିରେ ଉଡ଼େଇ ନେଇ ଚାଲିଲା
ଏକ ଦୁରନ୍ତ ଶାଗୁଣା ପରି

( ମହାପୃଥିବୀ )

## ବନ୍ୟ ହଂସ

ପେଂଚାର ଧୂସର ଡେଣା ଉଡ଼ିଯାଏ ନକ୍ଷତ୍ର ନିକଟେ ;
ସନ୍ଧ୍ୟାଆ ମାଟି ଛାଡ଼ି ଚନ୍ଦ୍ରର ଆହ୍ୱାନେ
ବନ୍ୟ ହଂସ ଡେଣା ମେଲାଏ—ସାଇଁ ସାଇଁ ଶବ୍ଦ ଶୁଣେ ତାର
ଏକ – ଦୁଇ—ତିନ – ଚାରି—ଅଜସ୍ର – ଅପାର ।

ରାତିର ଧାରରେ ସେମାନଙ୍କ କ୍ଷିପ୍ର ଡେ଼ଣା ଝଡ଼ା
ଇଞ୍ଜିନ୍ ସମାନ ଶବ୍ଦ ; ଛୁଟିଛନ୍ତି, ଛୁଟିଛନ୍ତି ସେମାନେ ।
ପଶ୍ଚାତ୍‌ରେ ପଡ଼ିରହେ ତାରାପୂର୍ଣ୍ଣ ବିଶାଳ ଆକାଶ
ହଂସର ଦେହର ବାସ୍ନା—ଗୋଟେ ଯୋଡ଼େ କଳ୍ପନାର ହଂସ ।

ମନେ ପଡ଼େ କେଉଁ ଦିନର ମଫସଲ ଅରୁଣିମା ସାନ୍ୟାଲର ମୁହଁ ;

ଉଡ଼ନ୍ତୁ, ଉଡ଼ନ୍ତୁ ସେମାନେ,
ପୌଷର ଜ୍ୟୋତ୍ସ୍ନାରେ ନୀରବରେ ଉଡ଼ନ୍ତୁ,
କଳ୍ପନାର ହଂସ ସେମାନେ ;
ପୃଥିବୀର ସବୁ ଧ୍ୱନି, ସବୁ ରଙ୍ଗ ଲିଭିଗଲା ପରେ
ଉଡ଼ନ୍ତୁ, ଉଡ଼ନ୍ତୁ ସେମାନେ
ହୃଦୟର ଶବ୍ଦହୀନ ଜ୍ୟୋତ୍ସ୍ନାର ଭିତରେ ।

( ମହାପୃଥିବୀ )

## ହଜାର ହଜାର ବର୍ଷ ଖେଳୁଛନ୍ତି

ହଜାର ହଜାର ବର୍ଷ ଖେଳୁଛନ୍ତି
ସମସ୍ତର ଅନ୍ଧାରରେ, କୁନ୍ଦୁକୁଲା ପୋକ ପରି ।
ବେଳାରେ ବଛେଇ ହୋଇ ପଡ଼ୁଛି ଜହ୍ନର ଆଲୁଅ ;
ତୁଙ୍ଗ ଦେବଦାରୁ ଗଛ ଗୁଡ଼ିକମାନେ ପଡ଼ୁଛନ୍ତି ଟୁପ୍ ଟୁପ୍
ଇତସ୍ତତ ; ଯେମିତିକ ମୃତ ସାମ୍ରାଜ୍ୟର
ଭୂଲୁଣ୍ଠିତ ସ୍ତମ୍ଭମାନେ — କାଳଜୀର୍ଣ୍ଣ, ମୃତ ଏବଂ ଘନୀଭୂତ ନୀରବତା ;
ଜଗତରକୋଳାହଳ ଦଉଡ଼ଆ ସବୁ ହୋଇଅଛି ଶେଷ ।
ଆଚ୍ଛନ୍ନ ଆମର ଦେହ ମନ୍ତ୍ରିଙ୍କ ଚୂଡ଼ାନ୍ତ ସୁଷୁପ୍ତିରେ ;
ପବନେ ଭାସୁଛି ଏକ କ୍ଷୀଣ ଗନ୍ଧ ମୃତଙ୍କର ; ଏକ
ଅସ୍ପଷ୍ଟ ମର୍ମର ଧ୍ୱନି ; ଏବଂ ମତେ ସ୍ୱରଟିଏ ଜିଜ୍ଞାସିଲା—
'ମନେ ଅଛି' ?
ମୁଁ କେବଳ ପଚାରିଲି,
'କିଏ ? ବନଲତା ସେନ୍'' ?

( ମହାପୃଥିବୀ )

## ଶୀତ ରାତ

ଏଇମିତି ଶୀତରାତମାନଙ୍କରେ
ମୋ ହୃଦୟ ଭିତରକୁ ମୃତ୍ୟୁ ସଂଚରି ଆସେ ।
ବାହାରେ ହୁଏତ ଶିଶିର ଝରୁଛି
କିଂବା ପତ୍ର ଝରୁଛି
କିଂବା ପେଚା ବୋବାଉଛି,
ସେ ଶବ୍ଦ ଶିଶିର ପରି
ହଳଦିଆ ପତ୍ର ପରି ।

ସହର ଓ ଗ୍ରାମର ସୀମାରେ
ସିଂହର ହୁଙ୍କାର ଶୁଭୁଛି—

ସର୍କସର ବ୍ୟଥିତ ସିଂହର ଗର୍ଜନ ;
ଏ ପାଖେ କୋକିଲ ଗାଉଛି
ପୌଷର ମଧ୍ୟ ରାତିରେ ;
ଜଣେ କେବେ ବସନ୍ତ ଆସିବ ବୋଲି ?
ଜଣେ କେବେ ବସନ୍ତ ଥିଲା,
ତା' ପାଇଁ କି ପିପାସିତ ପ୍ରଚୁର !
ତୁମେ ସ୍ଥବିର କୋକିଲ ନୁହଁ ?
କେତେ କୋକିଲଙ୍କୁ ସ୍ଥବିର ହୋଇଯିବାର ଦେଖିଛି
ସେମାନେ ଆଉ କିଶୋର ନୁହନ୍ତି
କିଶୋରୀ ବି ନୁହନ୍ତି ।

ସିଂହ ପୁଣି ହୁଙ୍କାର କରୁଛି
ସର୍କସର ବ୍ୟଥିତ ସିଂହ,
ଆହା ସ୍ଥବିର ସିଂହଟିଏ
ଅଫିମର ସିଂହ, ଅନ୍ଧ—ଅନ୍ଧକାର ।

ଚତୁର୍ଦ୍ଦିଗ ଅସ୍ପଷ୍ଟ ସମୁଦ୍ର ଭିତରେ
ଜୀବନକୁ ସ୍ମରଣ କରିବାକୁ ଯାଇ
ମୃତ ମାଛର ପୁଚ୍ଛର ଜୀବନ୍ତ ଶୈବାଳରେ
ଅନନ୍ତ ଅନ୍ଧକାର ଜଳ ଭିତରେ
କୁହେଳିକାର ଭ୍ରମ ବୁକୁରେ
ସବୁ ହଜିଯାଏ ।

ସିଂହ ଅରଣ୍ୟକୁ ଆଉ ଖୋଜି ପାଇବନି—
ପାଇବନି ଆଉ···
ପାଇବନି ଆଉ···
କୋକିଲ ଗାନ ଉଗ୍ର ଛନ୍ଦ୍ୱିକ ପରି
ଖସି ଖସି ଚଳେ ଚୁମ୍ବକ ପାହାଡ଼ରେ ନିସ୍ତବ୍ଧ ହେବ !
ହେ ପୃଥିବୀ !
ହେ ବିପାଶା-ମଦର ନାଗଫାଶ !
ତୁମେ କର ଲେଉଟାଇ ଶୁଅ,
କେବେହେଲେ କିଛି ଖୋଜି ପାଇବନି ଆଉ ।

( ମହାପୃଥିବୀ )

## ହାୟ ଚିଲ

ହାୟ ଚିଲ, ସୁନେଲି ଡେଣାର ଚିଲ,
ଏଇ ଭିଜା ମେଘର ମଧ୍ୟାହ୍ନେ,
ତୁମେ ଆଉ କାନ୍ଦନା ଗୋ ଉଡ଼ି ଉଡ଼ି ଧାନସିଡ଼ି ନଦୀର ନିକଟେ ।
ତୁମର କାନ୍ଦଣା ସ୍ୱରେ ବେତଫଳ ପରି ତାର ମ୍ଳାନ ଆଖି ମନେ ପଡ଼େ ।
ପୃଥିବୀର ନାଲି ଟୁକୁଟୁକୁ ରାଜକନ୍ୟାପରି ସେ ଚାଲିଯାଇଛି ଦୂରେ
ସାଥେ ନେଇ ରୂପର ସମ୍ଭାର;
ପୁଣି ତାକୁ ଡାକି ଆଣ କାହିଁ ?
ହୃଦୟକୁ ଉଖାରି ଉଖାରି କାନ୍ଦାକୁ ବା ଭଲ ଲାଗେ
ବେଦନାକୁ ଜଗାଇବା ପାଇଁ ?
ହାୟ ଚିଲ, ସୁନେଲି ଡେଣାର ଚିଲ,
ଏଇ ଭିଜା ମେଘର ମଧ୍ୟାହ୍ନେ
ତୁମେ ଆଉ କାନ୍ଦନା ଗୋ ଉଡ଼ି ଉଡ଼ି ଧାନସିଡ଼ି ନଦୀର ନିକଟେ ।

( ମହାପୃଥିବୀ )

## ନଅଟି ହଂସ

ନଅଟି ହଂସଙ୍କୁ ଆଖିଖୋଲି ସକାଳ ବେଳାରେ
ଦେଖିବାକୁ ପାଏ ନିତି ଅଲିଭ୍-ପଲ୍ଲବ ପରି ସ୍ନିଗ୍ଧ ସଲିଳରେ ।
ଦିନରେ ଦିନକୁ ଗୁଣି ନଅ ହୁଏ ଶାସ୍ତ୍ର ଅନୁସାରେ
ମାତ୍ର ଏଇ ନଅ ହେବା ଆଚମ୍ବିତ କେଉଁ ଯାଦୁବଳେ ?

ସେ ନଦୀର ଜଳ ଖୁବ୍ ଗଭୀର—ଅତଳସ୍ପର୍ଶୀ
ସେ ଜଳରେ ହାଲୁକା ଓ ଧଳା ମେଘ ଆସି
ବୁଡ଼େ, ବୁଡ଼ିଗଲେ,
ତଥାପି ପାରେନା ଛୁଇଁ ସମୟର ଶେଷ ସରହଦ

ଚାରିଦିଗେ ଉଞ୍ଚ ଉଞ୍ଚ ଜଙ୍ଗଲିଆ ଘାସର ବିସ୍ତାର
ଅନେକ ସମୟ ଧରି ଚୂପ୍ ରହି ଶରତର ଜଳ

ଯେତେବେଳେ ମନେହୁଏ ହେଲା ନୀଳାକାଶ,
ହଂସ ଦଳ ମିଶିଯାନ୍ତି ଅପରାହ୍ନ ରୌଦ୍ରର ଝଲକେ
ଯେମିତକ ଦୂରେ କେଉଁ ଶ୍ୟାମଳା ନାରୀର କୋଳରେ;
ଅଥବା ବାଉଁଶିଆରୁ ଲୁଆ ଝରି ପଡ଼ିବାର ରଙ୍ଗ
ଢଳିଯାଏ ସେହି ନୀଳାକାଶ ବୁକେ—
ଅକସ୍ମାତ ନଦୀ ହୁଏ ନଦୀଟିଏ ପରି,
ମନେପଡ଼େ, ନଅଟି ଅମଳ ହଂସ ଅଛନ୍ତି ସେଇଠି ।

(ମହାପୃଥିବୀ)

## ସୂର୍ଯ୍ୟ ପ୍ରତିମ

ଆମରଣ ବିପନ୍ନ ରହୁ ରହୁ
ଯେତେବେଳେ ବିପଦ ଆସେ
ତାହା ଆମକୁ କଷ୍ଟ ଦିଏନା,
ହୃଦୟଙ୍ଗମ କରି ହୁଏ
ଆଉ ତାଠାରୁ ବେଶି କିଛି ନୁହେଁ ।

ବାଲୁଚର ଦେଇ ନଦୀର ଜଳ ଝରେ
ତହିଁରେ ଖେଳିଯାଏ ସୂର୍ଯ୍ୟର ଝଲକ
ମାଛରଙ୍କା ଝିକମିକ କରି ତା' ଉପରେ ଉଡ଼ିଯାଏ ।
ମୃତ୍ୟୁ ଆଉ କରୁଣା ଦୁଇଟି ତରବାରି
ଗୋଟିଏ ଏପଟେ, ଗୋଟିଏ ସେପଟେ ।
ଯେତେ ଘର, ଯେତେ ପୋଲ, ନଗର, ସହର
ସବୁ ଭାଙ୍ଗି ଦେବେ ସେଇ ଦୁଇ ତରବାରି
ପୁଣି ନୂଆ କରି ଗଢ଼ିବେ ।
ସେ ତରବାରି ଦୁଇଟି ଉପରେ
ଶୋଣିତ ଆକାଶ ଘେରି ରହେ ।

ଏହିଠାରେ ବୁଲିଛି ଅନେକ ଦିନ—ରୌଦ୍ର ଓ ବତାସରେ ।
ଯେଉଁମାନେ ଦେଇଥିଲେ ଆଉ ଭଲ ପାଇଥିଲେ ଏ ସବୁକୁ,

ସେମାନେ ସମସ୍ତ ଦମେ ଜଙ୍ଗଲରେ ବନ୍ଦୀ ହୋଇ ଯାଇଛନ୍ତି,
ସେମାନେ ନାହାନ୍ତି ।

ଚାଲ ଆମେ ପରସ୍ପର ନିକଟରେ,
ନିଜ ନିଜ ଯୁଗ ନିକଟରେ
ସତ୍ୟହୋଇ ଝଲସି ଉଠିବା ।
ନିର୍ଜନ ପୃଥିବୀରେ ପହଞ୍ଚିବାକୁ ସମସ୍ତ କ'ଣ ଚାଲିଛୁ ?
ହେ ଅବାଚୀ, ହେ ଉଦଚୀ,
କେଉଁଠି ଯେପରି ପକ୍ଷୀର ସ୍ୱର ମୁଁ ଶୁଣିପାରୁଛି ।
କେଉଁଠି ଯେମିତି ସୂର୍ଯ୍ୟର ଉଦୟ ହେବ, ହୋଇନାହିଁ ।

ମରଣକୁ ଖାଲି ନୁହେଁ
ମରଣ ସିନ୍ଧୁର ବେଗେ ଅଗ୍ରସର ହୋଇ
ଯାହାସବୁ ଦେଖିବାର ଅଛି, ସବୁ ଦେଖି ନେଇଛୁଁ ।
କିଛି ଭୁଲି ଯାଇଛୁଁ,
କିଛି ମନେ ରଖିଛୁଁ ।
ପୃଥିବୀର ସିକତା, ରକ୍ତ, କାଳିମା ପାଖରୁ ନିଷ୍କୃତି ପାଇ
ଦ୍ୱିଧାର ଅନ୍ଧକାରରେ ବ ଚକ୍ଷୁ ସ୍ଥିର ରଖି
ଆମେ ଗଣିକାକୁ ଫାଙ୍କି ଦେଇଛୁଁ,
ପ୍ରେମିକାକୁ ଶିଖାଇଛୁଁ ଠକିବାର କୌଶଳ,
ଶିଖାଇନୁ ?

ଶତାବ୍ଦୀ ଆଦେଶରେ ଅସ୍ତ ହୋଇଯାଏ;
ବିପ୍ଲବୀ ଆଜି ସ୍ୱର୍ଣ୍ଣ କମାଇବାରେ;
ଆକଣ୍ଠ ମରଣରେ ବୁଡ଼ିରହି ଚରନ୍ଦନ
ପ୍ରେମିକ ଉପଭୋଗକରେ ସ୍ନିଗ୍ଧ ସୌଦାଗର ରଣ
ତେବେ ଆମ ଅଲକ୍ଷିତେ
କେଉଁଠି ରହିଛି ଜୀବନର ଆଶ୍ୱାସ ?

ଆମେ ଅପେକ୍ଷାରତ;
ମାଇଲ୍ ମାଇଲ୍ ପରେ ସମ୍ମୋହିତ ମାଇଲ୍ ମାଇଲ୍
ସମୁଦ୍ର ଉପରେ
ପକ୍ଷୀମାନେ ଉଡ଼ିଯାନ୍ତି ଜହ୍ନର ଉଠିବା ଆଗୁ, ଜହ୍ନକୁ ପାଶୋର,

ସେହିପରି ଉଡ଼ିଯିବା, ଆମେ ଉଡ଼ିଯିବା
ଆଲୋକ ସ୍ତଂଭରୁ ଏଇ ଅମର ମୁହୂର୍ତ୍ତେ ।

ପଛରୁ ଆସୁଥିବା ଢେଉମାନେ
ଆମକୁ ପ୍ରତାରଣା ଦେଇ ପଳାଇ ଯାଉଛନ୍ତି,
ସାମନାରୁ ଢେଉମାନେ ଅଭିଭୂତ ଅନ୍ତହୀନ
ସମୁଦ୍ର ପରି ମାଡ଼ି ଆସୁଛନ୍ତି;

ଲବଣାକ୍ତ କ୍ଷତବିକ୍ଷତ ଫେଣାରେ କାତର,
ବର୍ଷାଛୁଟା ପରି ଭାଙ୍ଗି ଭୁଜ ବିଶ୍ୱାସହନ୍ତା କାଏ ସବୁ
ସମୁଦ୍ରର ଅନ୍ଧକାର ତଳରେ ପଡ଼ି ରହିଛନ୍ତି;
ଏପରି ମୃତ୍ୟୁ ଅଗଣନ ହେଲାଣି;
ହେବ ବି ।

"ଡାକ୍ତର—କେବଳ ବ୍ୟକ୍ତିଗତ ମୃତ୍ୟୁ ଶେଷ କରି
ଆମେ ସବୁ ମରଯାଉଛୁଁ"—
ଦଳଲ୍‌ରେ ନ ମରି ବି
ଏ ପ୍ରକାର ମୃତ୍ୟୁ ଅନୁଭବ,
ଆମେ ହୃଦୟ ବିହୀନ ଭାବେ
ବ୍ୟାପ୍ତ ଇତିହାସ ସାଙ୍ଗେ କାଟିଦେବାକୁ ପାଉ,
ଯେତେଦୂର ମଣିଷର ପ୍ରାଣ ଅତୀତରେ
ଅପସୃତ ହୋଇ ଯାଇଛି,
ସେମାନେ ପୁଣି ଜାଗି ଉଠନ୍ତି
ଉଣିଶିଶ ତେୟାଳିଶ, ଚୌରାଳିଶ୍‌...ଶାଶ୍ୱତର
ଅନ୍ତହୀନ ତମିଶ୍ରତ ସୌର କୌତୁକରେ ।

( ସାତୋଟି ତାରାର ତିମିର )

## ସମାରୁଢ଼

"ବରଂ ନିଜେ ତୁମେ ଲେଖୁନାହିଁ ଗୋଟିଏ କବିତା —"
କହିଲି ମ୍ଳାନ ହସି; ଛାୟାପିଣ୍ଡ ଦେଲାନି ଉତ୍ତର;

ବୁଝିଲି ମୁଁ; ସେତ କବି ନୁହେଁ—ସେ ଯେ ଆରୂଢ଼ ଭଣିତା;
ପାଣ୍ଡୁଲିପି, ଭାଷ୍ୟ, ଟୀକା, କାଳି ଆଉ କଲମ ଉପରେ
ବସିଅଛୁ ସିଂହାସନେ,—କବି ନୁହେଁ—ଅଜର, ଅକ୍ଷର
ଅଧ୍ୟାପକ; ଦାନ୍ତ ନାହିଁ, ଆଖିରେ ତା' ଅକ୍ଷମ ଲେନ୍ସର
ଦରମା ହଜାରେ ଟଙ୍କା ମାସକୁ ଓ
ଆଉ ପ୍ରାପ୍ତ ଦେଢ଼ ହଜାର ଟଙ୍କା ମିଳିଯାଏ
ମୃତ ସବୁ କବିଙ୍କର ମାଂସ, କୃମି ଘାଣ୍ଟି;
ଯଦିଓ ସେଇ ସବୁ କବିମାନେ
କ୍ଷୁଧା, ପ୍ରେମ ଜୁଆଁର ହନୁମୁ ସେକ ଗୁହିଁଥିଲେ,
ଆଉ ସାଙ୍କେତ—ସଙ୍କୁଳ ଲହରୀରେ
ଲିଗିପଡ଼ି ପହଁରୁ ଥିଲେ ।

( ସାଟୋଟି ଡାସର ଉମିର )

## ଲଘୁ ମୁହୂର୍ତ୍ତ

ଏବେ ଦିନ ମଣ ଆସିଲା ବେଳକୁ
ଛନଜଣ ଅଧାବୁଢ଼ା ଭିକାରିଙ୍କର ପ୍ରଶାନ୍ତ ହେଲା ମନ;
ଧୂସର ପବନ ମେଞ୍ଚେ ଖାଇ;
ରତ୍ନାକରରେ ସେଇ ଧୂସର ପବନରେ କଲେ ଆଚମନ ।
କାହିଁକି ନା ଏମାନେ ଏବେ ସେଇ ଦେଶକୁ ଯିବେ
ଯାହାକୁ କୁହନ୍ତି ରଙ୍ଗୀନ ନଦୀର ଦେଶ
ସେଠାରେ ଧୋବା ଆଉ ଗଧ ଆସି
ପାଣିରେ ମୁହଁ ଦେଖି
ପରସ୍ପର ପିଠିରେ ଚଢ଼ି ଯାଆନ୍ତି ଯାଦୁ ବଳରେ ।

ତଥାପି ଯିବା ଆଗରୁ ଛ ଜଣଯାକ ଏକଜୁଟ ହୋଇ
ଗୋଲ ହୋଇ ବସିଗଲେ—ହାତରେ ଛନ ମଗ୍‌ ଗ୍ଳାସ,
ଜଣେ ରାଜା; ଜଣେ ମନ୍ତ୍ରୀ ଆଉ ଭୂତପ୍ରେତ କଟଅଳ
ହୋଇ ମନେ ମନେ ଭାବିନେଲେ ସେମାନେ ।

ଏତେବେଳେ ଭିଖାରୁଣୀ ଜଣେ
ଏଇ ତିନିଜଣ ଶ୍ରେଷ୍ଠୀ ମହଉସା କି ଜକାକ ସମୁଦ୍ରଙ୍କ
ପ୍ରେମ ଡୋରରେ ବାନ୍ଧି ହୋଇ,
ଅଥବା ସୁ ମଗ୍‌ର ଆକର୍ଷଣରେ
ଆସି ସେମାନଙ୍କ ପାଖରେ ଜୁଟିଗଲା,
ଏଇମିତି ସେମାନଙ୍କ ସୁଣ୍ଟୋଡ଼ା କାନ
ଆଉ ପାଟି ହୋଇଗଲା ଏକାକାର ।

ସମୁଦ୍ରାକର ପାଣି କଲରୁ କିଛି ପାଣି ଆଣି
ସେମାନେ ମଦ'ରେ ମିଶାଇ ଦେଲେ;
ସନ୍ତସନ୍ତିଆ ଫୁଟ୍‌ପାଥ୍‌ରେ ବସି
ଜୀବନକୁ ସାଧୁତା ଓ ସହାନୁଭୂତିରେ ଭରିଦେଲେ ।
ଜଣେ ମୁଣ୍ଡ ହଲାଇ ଦୁଃଖ କରି କହିଲା,
ଚେଲ୍‌ସା ହାଟ କି ଟେମ୍ସ ଝରଣାର ପାଣି
କଣ ଭଲ ?
ଭିକାରିକୁ ପଇସାଟିଏ ଦେବାକୁ ତ ଦେଢ଼ଶହର
କି ଖାଇବୋହୁ ସମସ୍ତେ ନାରାଜ ।''

ଏତକ କହି ସେ ତିନିହେଁ ନିଜର ଛେଳି ଦାଢ଼ି ହଲାଇ ହଲାଇ
ଗୁହିଁ ରହିଲେ ସେ ଏକାକିନୀ ନାରୀଟିକୁ
ଭାବିଲେ ଏଠି ସୁ ଦାମ୍ପ ଭିତରେ
ଓହ୍ଲାଇ ଆସିଛି ସଧବା ପ୍ରେତନୀଟିଏ,
ଏଭଳି ବୋଧହୁଏ ହଂସଟିଏ ଥିଲା ଯେବେ
ଏବେ ସିଏ ଶ୍ରେଷ୍ଠୀ ବତକଟିଏ ।
ହାଇ ମାରି ଫିଙ୍କି ମାରି ତାକୁ ବଢ଼େଇଦେଲେ ଆଉ ଗିଳିସେ ସୁ,
''ଆମର ସୁନା ରୂପା ନାହିଁ, ତଥାପି ଆମେ କାହାର ଗୋଲାମ ନୋହୁଁ ।''

ଏମାନଙ୍କର ଏଇ ଫେଣାଫେଣି କଥା ଶୁଣି ଶୁଣି,
ବିରକ୍ତ ମଶକଟାଏ ସେମାନଙ୍କ ନାକରୁ ନାକ ଡେଇଁ ଡେଇଁ ଗଲିଗଲା,
ସତେ ଅବା ବେଣ୍ଟିକ୍ ଷ୍ଟ୍ରୀଟ୍ ନଦୀ କୂଳରେ ବସି
ସେମାନେ ହିସାବ କରି ବସିଲେ ପୃଥିବୀର ପଣ୍ୟ ଜିନିଷମାନ,
ବାଲକୁ ଗୁଡ଼େଇ ଗୁଡ଼େଇ କ୍ୟାଣ୍ଟର ଘଟନା ସବୁ

କେଉଁଠି ଖର୍ଚ୍ଚ ହୁଏ — କିଏ ଖର୍ଚ୍ଚ କରେ
କଣ କଣ ଦିଆ ନିଆ ହୁଏ—
କିଏ ବା କାହାକୁ ଦିଏ ଅନ୍ଧାରର କେଉଁ ସମୟରେ
ଓ କପଟ ଧୁଆଁଆର ଶୈତାନକୁ ଅତର୍କିତେ ଧରିନିଏ ଶାନ୍ତି ।
କପଟ ଧର୍ମର ବଳ ହଲିଯାଏ ଲଘୁ ସମୀରଣେ
ମଣିଷଟା ମରିଗଲା ପରେ ଯଦି ତାକୁ ଔଷଧର ଶିଶି କିଏ ଦିଏ—
—ବିନା ମୂଲ୍ୟରେ — ତେବେ କାହାର ଲାଭ ?
ଏହାନେଇ ଗୁରୁଜଣ କାନ୍ଦିଗଲେ ଭୀଷଣ ବ୍ୟଗ୍ରା,
କାହିଁକି ନା, ଏବେ ସେମାନେ ଯେଉଁ ଦେଶକୁ ଯିବେ
ତା' ନାଆଁ ହଡଲ୍ୟା ନଈର ଦେଶ ।
ସେଠାରେ ହାଡ଼ୁଆ ମୁହଁ ଓ ହାଡ଼ମାନ
ପାଣି ଧାରକୁ ଆସି ମୁହଁ ଦେଖନ୍ତି
ଯେତେଦିନ ମୁହଁ ଦେଖି ହୁଏ ।

## ଆକାଶ ଲୀନା

ସୁରଞ୍ଜନା, ଯାଅନାଗୋ ସେ ଆଡ଼କୁ ତୁମେ,
କୁହନାହିଁ କଥା ସେହି ଯୁବକର ସଙ୍ଗେ,
ଫେରିଆସ ସୁରଞ୍ଜନା,
ନକ୍ଷତ୍ରର ରୂପେଲି ଅନଳଭରା ରାତେ ।

ଫେରିଆସ ଏଇ ପଡ଼ିଆକୁ, ଏଇ ଢେଉମାନଙ୍କ ପାଖକୁ
ଫେରିଆସ ମୋର ହୃଦୟକୁ
ଦୂରକୁ··· ଦୂରକୁ···ଆହୁରି ଦୂରକୁ···
ଯାଅନା ଗୋ ଯୁବକଟି ସଙ୍ଗେ ତୁମେ ଚାଲି ।

କି କଥା ତୁମର ଭଲ ତା ସଙ୍ଗରେ, ତାହାରି ସଙ୍ଗରେ !
ଆକାଶର ଆଢୁଆଳେ ଯେଉଁ ଆକାଶ
ସେଥିରେ ମୃତ୍ତିକା ପରି ତୁମେ,
ଘାସ ହୋଇ ପ୍ରେମ ତା'ର ଆସେ ।

ସୁରଞ୍ଜନା,
ତୁମର ହୃଦୟ ଆଜି ଘାସ,
ବତାସର ସେପଟେ ବତାସ,
ଆକାଶର ସେପଟେ ଆକାଶ ।

( ସାତୋଟି ତାରାର ତିମିର )

## ସପ୍ତକ

ଏଇଠି ଶୋଇଛି ସରୋଜିନୀ—(ଜାଣେନା ମୁଁ,
ଏବେ ଏଠି ଶୋଇଛି କି ନାହିଁ);
ଏଇଠି ସେ ବହୁକାଳ ଶୋଇଥିଲା,
ତା'ପରେ ହୁଏତ ଦିନେ ଉଠିଯାଇ ମିଶିଗଲା ମେଘର ଦେହରେ,
ମେଘହୁଏ ଆଲୋକିତ ଅନ୍ଧାର ଯେଉଁଠି ହଜିଯାଏ ।

ସରୋଜିନୀ ଚଢ଼ିଗଲା ଏତେ ଦୂର ?
ସିଢ଼ି ନାହିଁ, ଚଢ଼େଇଙ୍କ ଡେଣା ବି ତ ନାହିଁ,
କିମିତି ଉଠିଲା ?
ସିଏ କଣ ପୃଥିବୀର ଜ୍ୟାମିତିକ ପିଣ୍ଡ ?
କିନ୍ତୁ ସେଇ ଜ୍ୟାମିତିକ ଘୁସ୍ଥାମୂର୍ତ୍ତି କହେ, -- ନାହିଁ, ମୁଁ ଜାଣେନି ।

ଶୁଷ୍କ କାଫ୍ରନୀ ଆଲୋକ ସନ୍ଧ୍ୟାକାଶେ ହଞ୍ଜରୁଛି
ଅଦୃଶ୍ୟ ମାର୍ଜାର ପରି,
ତା' ମୁହଁରେ ଲାଗିଅଛି ଶୂନ୍ୟ ବୁଭୁଖାର ରୁକ୍ଷ ହସ ।

( ସାତୋଟି ତାରାର ତିମିର )

## ସେଇ ବଲୁଆମାନେ

ଦିନ ଶେଷ ହେଲେ
ମାନ୍ଧାତା କାଳର ବିଲୁଆମାନେ ବାହାରନ୍ତି ବେଣ୍ଟପାଶଧାରେ

ବଣକାନ୍ତାରକୁ;
ହଠାତ୍ ସେମାନଙ୍କ ଦୃଷ୍ଟିରେ ପଡ଼େ—
ଜ୍ୟୋତ୍ସ୍ନା କୋଳେ ଶୋଇଛି ତୁଷାର;
ସେମାନଙ୍କ ପଶୁ ଆତ୍ମା ଯନ୍ତ୍ର ମଣିଷର ଆତ୍ମା ପରି
ସେ ମୁହୂର୍ତ୍ତେ ସିହରି ଉଠନ୍ତି,
ତେବେ ହୁଏତ ଜନ୍ମ ନିଅନ୍ତି ଏକ ବେଦନା-ଗଭୀର ବିସ୍ମୟ;
ସେପରି ମୋ ରକ୍ତର ରହସ୍ୟରେ—
ଆତ୍ମା ମୋର ଲଂଫ ଦିଏ,
ସହସା, ତୁମକୁ ଦେଖି, ବସନ୍ତ ଗୁଲ୍‌ଗଲି ପରେ ।

( ସାଲ୍ଭୋଟି ଡାଗ୍‌ର ଢମିର )

## ଯାତ୍ରୀ

ମନେ ହୁଏ କେଉଁ ଏକ ସ୍ୱଚ୍ଛ ସାଗର କୂଳରେ, କେବେ
ଜନ୍ମ ନେଇଥିଲା ଜୀବନ;
ତା' ପଛରେ ଥିଲା ଜନ୍ମ ମୃତ୍ୟୁହୀନ, ପରିଚୟହୀନ ବୁଦ୍‌ବୁଦ୍‌ଟିକା.
ତୃଷା ତାର ଧୀରେ ଭୁଲିଯାଇ
ଆପଣାର ସଂପର୍କକୁ ଅଜାଣତେ ଯୋଡ଼ୁଥିଲା
କେଉଁ ଏକ ଅନିର୍ଦ୍ଦେଶ୍ୟ ସତ୍ତାର ପ୍ରେମରେ,
ଟାଣିହୋଇ ଆଲୋକ ଆକାଶ ଓ ଜଳର ଆକର୍ଷଣରେ
ନୂଆ ଏକ ଅର୍ଥ ବୁଝୁଥିଲା
ଧାତ୍ରୀସମା ପୃଥିବୀ କୋଳରେ ।

ମୃତ୍ୟୁ ଆଉ ଜୀବନର କଳା ଆଉ ଧଳା ବର୍ଣ୍ଣ
ହୃଦୟରେ କରି ଆଲିଙ୍ଗନ
ଯାତ୍ରୀ ସିଏ, ଆସିଛି ଏ ପୃଥିବୀକୁ;
କଙ୍କାଳ ଅଙ୍ଗାର କଳା ଓ ଚତୁର୍ଦ୍ଦିଗରେ ରକ୍ତ,
ତା' ମଧ୍ୟରେ ଅନ୍ତହୀନ କରୁଣ ଇଚ୍ଛାର ଚିହ୍ନ ଦେଖି
ପଥ ଚହଲି ଏ ଧୂଳିରେ ନିଜର ଜନ୍ମ ଚିହ୍ନ ଚିହ୍ନାଇବାକୁ ମୁଁ ଆସିଲି ।
କିନ୍ତୁ କାହାକୁ ?

ପୃଥିବୀକୁ ? ଆକାଶକୁ ? ଆକାଶରେ ଯେଉଁ ସୂର୍ଯ୍ୟ ଜଳେ, ତାକୁ ?
ଧୂଳି କଣିକାକୁ ? ଅଣୁ ପରମାଣୁକୁ ? ଗ୍ରୀଷ୍ମକୁ ? ବର୍ଷାକୁ ? ଜଳକଣିକାକୁ ?
ନଗର, ବନ୍ଦର, ରାଷ୍ଟ୍ର, ଜ୍ଞାନ – ଅଜ୍ଞାନର ପୃଥିବୀକୁ ?

ଯେଉଁ କୁଜ୍‌ଝଟିକା ଜନ୍ମ ସୃଷ୍ଟିର ଆଗରୁ ଥିଲା,
ଆଉ ଯେଉଁ କୁଜ୍‌ଝଟିକା ରହିବ ଆମେ ମଲାପରେ ଶେଷକୁ,
ତାହାର ଅନ୍ଧକାର ଆଜ ଆଲୋକ ବଳୟେ ପଡ଼େ ପଲପଲ ହୋଇ,
ସେହି ଅଖଣ୍ଡ ନୀଳିମା ଆଡ଼େ ମନ ସ୍ନେହରେ ଯିବାକୁ ଚାହେଁ,
ସନାତନ କୃଷ୍ଣ ମହାସାଗର ଆଡ଼େ ଯିବାକୁ କହେ ।

ତଥାପି ଆଲୋକକୁ ସୂର୍ଯ୍ୟ ସଙ୍ଗରେ ନେଇ ପୃଥିବୀକୁ ଆଣେ,
ଆଉ ଆଣେ, ଋତୁ, ତିଥି, ଜୀବନ ଓ ମୃତ୍ୟୁ-ଗୀତ,
ଯାହାର ଅର୍ଥ ମହାଇତିହାସରେ କ'ଣ ମୁଁ ଜାଣେନ ।

ସେହି ଜଗକୁ ମଣିଷ ଚାଲିଛି
ସାଥିରେ ନେଇ ଗ୍ଲାନି, ପ୍ରେମ, କ୍ଷୟ କ୍ଷତିର ପାଦଚିହ୍ନ ପଛେ;
ନଦୀ ଆଉ ମଣିଷର ଚିର ଧାବମାନ ଧୂସର ହୃଦୟ
ଯଦି ପାହି ଭୋର ହେଲେ ପଛରେ,
—କାହାଣୀର କେତେ ଶହ ଭୋରରେ
ନବ ସୂର୍ଯ୍ୟ, ନବ ପକ୍ଷୀ, ନବ ଚନ୍ଦ୍ର, ନଗର ନିବାସରେ—
ନବନବ ଯାତ୍ରୀମାନଙ୍କ ସହ ମିଳିଯାଏ
ପ୍ରାଣଲୋକ ଯାତ୍ରୀମାନଙ୍କର ଭିଡ ;
ସେମାନଙ୍କ ହୃଦୟରେ ଚାଲିବାର ଛନ୍ଦ, ଗାନ ଓ ଆଲୋକ ରହିଛି,
ସେ ଯାହା ସୀମାହୀନ ହୁଏତ ବା ଶାଶ୍ୱତ ।

(ଶ୍ରେଷ୍ଠ କବିତା)

## ଅନୁପମ ତ୍ରିବେଦୀ

ଏବେ ଶୀତ ରାତିରେ ଅନୁପମ ତ୍ରିବେଦୀର ମୁହଁ ଦିଶିଯାଏ;
ଯଦିଓ ସେ ଆଜ ନାହିଁ ପୃଥିବୀର ବଡ଼ ଗୋଲ ପେଟ ଭିତରେ
ସଶରୀରେ; ଟେବୁଲର ଅନ୍ଧାରରେ ତଥାପି ଏ ଶୀତର ସ୍ତବ୍ଧତା ଭିତରେ

ପୃଥିବୀର ମୃତ ଜୀବିତମାନଙ୍କର ଭିଡ଼ ଭିତରେ ସେହି ସ୍ମରଣୀୟ ମଣିଷଟିର କଥା
ହୃଦୟରେ ଜାଗି ଉଠେ; ଟେବୁଲରେ ବହିର ସ୍ତୂପ ଦେଖି ମନେ ହୁଏ
ପ୍ଲେଟୋଙ୍କ ଠାରୁ ଟାଗୋର ଓ ଫ୍ରୟେଡ୍ ପର୍ଯ୍ୟନ୍ତ ସମସ୍ତେ
ନିଜ ନିଜ ଚିନ୍ତାର ବିଟପ୍ସ ପରିଶେଷ କରିଦେଇ ଶିଶିରର କମ୍ବଳ ଭିତରେ
ଅପରୂପ ଶୀତ ରାତିରେ ଶୋଇ ପଡ଼ିଛନ୍ତି—ସେମାନଙ୍କ ନିଦ ଭାଙ୍ଗିବାକୁ
ନିଦର ତାଲୁରେ ଘୁଷି ଦେଇ ଏ ପୃଥିବୀରେ,—ପରପାରେ ସେମାନଙ୍କର
ମୁଖର ତାଲା ନିର୍ବେଧୀ କିଏ ଖୋଲି ନାହିଁ ? ତାନ୍ତ୍ରିକ ଉପାସନା,
ମିଷ୍ଟିକ୍, ଇହୁଦୀ, କାବାଲା, ଈଶାର ଶବୋତ୍ଥାନ—ବୋଧି ଦ୍ରୁମର
ଜନ୍ମ ମରଣରୁ ଆରମ୍ଭ କରି ହେଗେଲ ଓ ମାର୍କସ
ତା'ର ଡ଼ାହାଣ ଓ ବାଆଁ କାନ ଧରି ଦୁଇ ଦିଗକୁ ଟାଣି ନେଇ ଯାଉଥିଲେ;
ଏତିକି ବେଳେ ଦୁଇ ପକେଟରେ ହାତ ରଖି ଭ୍ରୂକୁଟିଳ ଚକ୍ଷୁରେ
ସେ ଦେଖିଲା, ଜ୍ଞାନଠାରୁ ପ୍ରେମ ତାକୁ ବେଶି ଭଲ ଲାଗେ ।
ପ୍ରେମଠାରୁ ଆହୁରି ଭଲ ଲାଗିଲା ଗୋଟିଏ ଟୋଟେମ୍ ;
ଓଟ ଛବି ପରି— ଜଣେ ନାରୀ ହୃଦୟରେ;
ଆଖିରେ ମୁହଁରେ ଆକୁତି, ସେଥିରେ ସେ ମରୀଚିକା ଜୟ କରିବାକୁ ଚାଲିଛି ।
ଦେହରେ ପିନ୍ଧିଛି ଘିଅ ରଙ୍ଗର ଶାଢ଼ୀ;
ଭଲ କରି ଚାହିଁଲେ ଜାଣିବ —ସେ ନଗଦ ନାରୀ କି ଚତୁରୀ—
ହୋଇଥିବ ଦକ୍ଷିଣ ବଙ୍ଗଳାର ?
ତା ଶାଢ଼ୀକାନିରେ ଗଣ୍ଠି ଆଖିରେ ପଡ଼ୁନି,
ଉତ୍ତରପଡ଼ା, ବ୍ୟାଣ୍ଡେଲ୍, କାଶୀପୁର, ବେହେଲାରେ ଉଡ଼ି ଯାଉଥିବ
ଷ୍ଟାଲିନ୍, ନେହେରୁ, ବ୍ଲୁମ, ଅଥବା ଗାନ୍ଧୀଙ୍କର ବୋଟ୍ ବହି ବହି ।
ନିପାଦ ଭୂମିକୁ ଛାଡ଼ି ଆଉ ଭୂମି ଅଛି ଏଇ ବଳାର ହୃଦୟେ ?
ତେବେ ତାହା ପ୍ରେମ ନୁହେଁ, ଏଇ କଥା ଭାବି ଚାଲିଗଲା ନିର୍ବେଧୀର ଜ୍ଞାନ ।
ଅସ୍ତି-ନାସ୍ତିର ଡ଼ାୟଲେକ୍ଟିକ୍ ଦୁହେଁ ମିଶି ଆମ ଦୁଇ କାନକୁ
ଦୁଇ ଦିଗକୁ ଟାଣନ୍ତି, ତଥାପି ଆମେ ଉଭୟ ମଝିରେ ବଞ୍ଚିଛୁ ।
ବେଶି ଜୋରରେ ଟାଣି ଦେଲେ କି ?
ସେମାନେ ନିର୍ବେଧୀର କାନ

## ଅଦ୍ଭୁତ ଅନ୍ଧାର ଏକ

ଅଦ୍ଭୁତ ଅନ୍ଧାର ଏକ ଆସିଛି ଏ ପୃଥିବୀକୁ ଆଜ
ଯେଉଁମାନେ ଅନ୍ଧ ସେମାନେ ଚମତ୍କାର ଦେଖି ପାରୁଛନ୍ତି;

ଯେଉଁ ପ୍ରେତାତ୍ମାମାନଙ୍କ ହୃଦୟରେ ପ୍ରେମ ନାହିଁ, ପ୍ରୀତି ନାହିଁ,
କରୁଣାର ଆଲୋଡ଼ନ ନାହିଁ,
ପୃଥିବୀ ଅଚଳ ଆଜି ସେମାନଙ୍କର ସୁପରାମର୍ଶ ବିନା ।
ଯେଉଁମାନଙ୍କର ଆଜି ମଧ୍ୟ ଗଭୀର ଆସ୍ଥା ଅଛି ମଣିଷ ଉପରେ
ଏବେ ମଧ୍ୟ ଯେଉଁମାନଙ୍କ ପାଖରେ ସ୍ୱାଭାବିକ ବୋଲି ମନେ ହୁଏ
ମହାନ୍ ସତ୍ୟ, ଶିଳ୍ପ କିମ୍ବା ଅଖଣ୍ଡ ସାଧନା;
ସେମାନଙ୍କର ହୃଦୟ ଆଜି ଶାଗୁଣା ଓ ବିଲୁଆଙ୍କ ଖାଦ୍ୟ ।

(ଶ୍ରେଷ୍ଠ କବିତା)

## ପୁଣି ମୁଁ ଆସିବ ଫେରି

ପୁଣି ମୁଁ ଆସିବି ଫେରି ଏଇ ଧାନସିଡ଼ି ନଦୀ ତୀରକୁ, ଏଇ ବଙ୍ଗଳାକୁ,
ହୁଏତ ମଣିଷ ନୁହେଁ—ଶଙ୍ଖଚିଲ ବେଶରେ;
ହୁଏ ତ ସକାଳର କୁଆ ହୋଇ କାର୍ତ୍ତିକ ମାସର ନବାନ୍ନ ଦିନରେ;
କୁହେଳି ବୁକୁରେ ଭାସି ଦିନେ ଆସିବି ଏ ପଣସ ଗଛ ଛାଇକୁ;
ହୁଏ ତ ହଂସ ହେବି ଜଣେ କିଶୋରୀର
ନାଲିପାଦରେ ଘୁଙ୍ଗୁର ବେଢି ଥିବ;
ସାରାଦିନ କଟିଯିବ କଲମ୍ବ ଶାଗର ଗନ୍ଧେ ଭରା ଜଳେ ଭାସି ଭାସି ।
ପୁଣିଥରେ ଆସିବି ମୁଁ ବଙ୍ଗଳାର ନଦୀ, ପଡ଼ିଆ, କ୍ଷେତକୁ;
ଜଲାଙ୍ଗୀ ଢେଉରେ ଭିଜା ବଙ୍ଗଳାର ସବୁଜ କରୁଣ ଡ଼ଙ୍ଗାରେ;

ହୁଏତ ଦେଖିବ ତୁମେ ଚିଲଟିଏ ଉଡ଼ୁଅଛି ସନ୍ଧ୍ୟା ପବନରେ,
ହୁଏତ ଶୁଣିବ ତୁମେ ପେଚାଟିଏ ଶିମିଳି ଡ଼ାଳରେ ଡାକୁଛି,
ହୁଏତ ଲିଆରୁ ଧାନ ଛଡ଼ାଉଛି ଶିଶୁଟିଏ ଅଗଣା ଘାସରେ,
ରୂପ୍ସାର ଘୋଳିପାଣିରେ ହୁଏତ କିଶୋରଟିଏ ଛିଣ୍ଡା ପାଲଟିଏ ଟାଣି ଡ଼ଙ୍ଗା ବାହିନେଉଛି,
ରଙ୍ଗୀନ୍ ମେଘଟିରେ ସନ୍ତରଣ କରି,
ଅନ୍ଧକାର ଭିତରେ ନୀଡ଼କୁ ଫେରୁଛି ଗୋଟିଏ ଧଳା ବଗ ।

ମୋତେ ତୁମେ ପାଇବ ଏଇମାନଙ୍କ ମେଳରେ ।

( ରୂପସୀ ବଙ୍ଗଳା )

**ଆଜ ରାତ**

ଆଜ ରାତରେ ତୁମକୁ ମୋ ପାଖରେ ପାଇଥିଲେ
କଥା ହୋଇଥା'ନ୍ତେ; ଆମକୁ ଘେରି ରହିଥାନ୍ତା
ଶିରିଷ ଗଛ, ବାୟୁଆଲୋଡ଼ିତ ନକ୍ଷତ୍ର ଓ ଘାସର ପ୍ରାନ୍ତର ।

ମୁଁ କଳ୍ପନା ଓ ଅନୁଭବର ମାଦ୍ଧ କୁସୁମ ବାଗରେ
ପରିଣାମ ଦେଖିଛୁଁ ଭାରତ ବା ଚୀନ୍‌ରେ, ଲଣ୍ଡନ ବା ନିଉୟର୍କରେ
ଆଜ ରାତର ରହସ୍ୟ
ଏବଂ ମୃତ ମାମଥ ମାନଙ୍କର ଇତିବୃତ୍ତ—
ସବୁ ଅନିବାର୍ଯ୍ୟତାର ।

ତୁମେ ଏବେ କେଉଁଠି ଅଛ ?
କେଉଁ ପଶାକାଠି ତୁମ ହାତରେ ?
ଖୋଜ ଲାଭ କ'ଣ ?
ସବୁ ଖୋଜା ଲୋଡ଼ାରେ ଲାଭ ନାହିଁ ।

ମୁଁ ଭଲ କରି ଜାଣିଛୁ,
ଯେଉଁ ସକାଳ, ଅପରାହ୍ଣ, ନଦୀ ଓ ନକ୍ଷତ୍ର ମୋ'ର ପରିଚିତ
ସେଇ ସମସ୍ତଙ୍କ ଭିତରେ
ସବୁ ଅଛି — ଯାହା ଜାଣିବାର କଥା ।

( ବେଳା, ଅବେଳା, କାଳବେଳା )

## ସହାୟକ ଗ୍ରନ୍ଥ ସୂଚୀ


ଜୀବନାନନ୍ଦ ଦାସଙ୍କର ନିଜ ଲେଖା :—

(କ) କବିତା :— ୧ । ଝରାପାଳକ ( ୧୯୨୪ )

୨ । ଧୂସର ପାଣ୍ଡୁଲିପି ( ୧୯୩୬ )

୩ । ମହାପୃଥିବୀ ( ୧୯୪୪ )

୪ । ସାତଟି ତାରାର ତିମିର ( ୧୯୪୮ )

୫ । ବନଲତା ସେନ ( ୧୯୫୨ )

୬ । ଶ୍ରେଷ୍ଠ କବିତା ( ୧୯୫୪ )

୭ । ରୂପସୀ ବଙ୍ଗଳା ( ୧୯୫୭ )

୮ । ବେଲା, ଅବେଲା, କାଲବେଲା ( ୧୯୬୧ )

ପ୍ରବନ୍ଧ :— କବିତାର କଥା ( ୧୯୫୫ )

ଜୀବନାନନ୍ଦଙ୍କ ଉପରେ ଲେଖା —

ନିରୁକ୍ତ ( ୧୯୪୩ ), ପରିଚୟ ( ୧୯୫୩ ), ମୟୂଖ ( ୧୯୫୪ )

କବିତା ( ୧୯୫୪ ଓ ୧୯୫୬ ) ଉଷା ( ୧୯୫୪ ), ଏକକ ( ୧୯୫୪ )

ଆନନ୍ଦ ବଜାର ପତ୍ରିକା (୧୯୫୪ ), କ୍ରାନ୍ତି ( ୧୯୫୪),

ଉତ୍ତର ସୂଚୀ ( ୧୯୫୪, ୧୯୫୭ ଓ ୧୯୬୦ )

ପ୍ରଭୃତି ପ୍ରତିଷ୍ଠିତ ପତ୍ରିକାମାନଙ୍କରେ ସ୍ୱତନ୍ତ୍ର ପ୍ରବନ୍ଧ ।


***


Indian Institute of Advanced Study
117766
21/12/04
SHIMLA

ଜୀବନାନନ୍ଦ ଦାଶ (୧୮୯୯-୧୯୫୪) ରବୀନ୍ଦ୍ରନାଥ ଠାକୁରଙ୍କ ପରେ ବଙ୍ଗ ସାହିତ୍ୟରେ ଏକ ପ୍ରଧାନ କବି ରୂପେ ସୁପରିଚିତ ।

ରବିଠାକୁରଙ୍କର ଯୁଗର ପରମ୍ପରାରୁ ବଙ୍ଗ ସାହିତ୍ୟକୁ ଏକ ନୂତନ ଯୁଗକୁ ନେଇଯିବାହିଁ ତାଙ୍କର ଅନ୍ତର୍ନିହିତ ଶକ୍ତିର ପରିଚାୟକ । ତାଙ୍କର କବିତାରେ ରୂପକଳ୍ପର ମୌଳିକତା ଏବଂ ବିଦଗ୍ଧତା ବଙ୍ଗୀୟ ତରୁଣ କବିମାନଙ୍କର ମନରେ ଗଭୀର ରେଖାପାତ କରିପାରିଥିଲା । ଜୀବନାନନ୍ଦ ସାଂପ୍ରତିକ-କବି କିନ୍ତୁ ପରମ୍ପରାପ୍ରତି ତାଙ୍କର ନିଷ୍ଠା ଅକଳନୀୟ । ପୂର୍ବ ବଙ୍ଗର ମଫସଲ ଅଞ୍ଚଳରେ ନିବିଡ଼ ଭାବରେ ପରିଚୟହେତୁ ଜୀବନାନନ୍ଦଙ୍କୁ ବଙ୍ଗୀୟ ଜୀବନ ଓ ଦୃଶ୍ୟାବଳି ସଂପର୍କରେ ନିବିଡ଼ ଉପଲବ୍ଧିର ସୁଯୋଗ ମିଳିଥିଲା । ସେ ଏହି ବିଶଦ୍ ଜ୍ଞାନର ଉପଯୋଗ କରି ବଙ୍ଗଭାଷାରେ ମାତୃଭୂମି ( ବର୍ତ୍ତମାନ ବାଙ୍ଗ୍ଲାଦେଶ )ର ପ୍ରକୃତି ତାଙ୍କ କବିତାରେ ଫୁଟାଇ ପାରିଥିଲେ । ଯେଉଁ ୬୯ଟି କବିତାର ଅନୁବାଦ ଏହି ପୁସ୍ତକରେ ସ୍ଥାନ ପାଇଛି ସେଗୁଡ଼ିକ ତାଙ୍କର ଉତ୍କୃଷ୍ଟ କବିତାମାନଙ୍କର ପ୍ରତିନିଧିତ୍ୱ ବହନ କରିଛନ୍ତି ।

ଚିଦାନନ୍ଦ ଦାଶଗୁପ୍ତ, ରବୀନ୍ଦ୍ରନାଥ ଠାକୁର, ମାଣିକ ବନ୍ଦ୍ୟୋପାଧ୍ୟାୟ ଏବଂ ସମର ସେନାଙ୍କର ବହୁ କବିତା ଅନୁବାଦ କରିଛନ୍ତି । ସେ ବହୁ ବର୍ଷ ଧରି ଜୀବନାନନ୍ଦଙ୍କ କବିତାରେ ଗବେଷଣାରତ । ତେଣୁ ଅନୁଦିତ କବିତା-ଗୁଡ଼ିକ ରସସ୍ନିଗ୍ଧ

Library IIAS, Shimla
OR 891.441 092 D 26 D
00117766

ଏହି ଗ୍ରନ୍ଥକୁ ଦକ୍ଷତାର ସହିତ
ଓଡ଼ିଆ କବି ଦୁର୍ଗାମାଧବ ମିଶ୍ର ।

ସ୍ମରଣ କରାଯାଇ ପାରେ ଯେ କେନ୍ଦ୍ର ସାହିତ୍ୟ ଅକାଦେମି ଜୀବନାନନ୍ଦଙ୍କର "ଶ୍ରେଷ୍ଠ କବିତା" ପୁସ୍ତକକୁ ବଙ୍ଗଭାଷାରେ ସର୍ବପ୍ରଥମେ ପୁରସ୍କୃତ କରିଥିଲେ ।

ପ୍ରଚ୍ଛଦପଟ୍ଟ ଓ ପ୍ରତିକୃତି : ସତ୍ୟଜିତ୍ ରାୟ

SAHITYA AKADEMI
REVISED PRICE Rs. 15.00